ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପर्यवेक्षक

Vol.26 . No.196 Bhubaneswar Tuesday September 12 2023 | ୨୬ତମ ବର୍ଷ ସଂଖ୍ୟା–୧୯୬ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୨, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଟେଣ୍ଡର ପରେ ଟେଣ୍ଡର ଡକା ଯାଉଛି: ହେଲେ ମା' ତାରିଣୀଙ୍କ ନଡିଆ କେହି କିଣୁନାହାନ୍ତି

ଭୁବନେଶ୍ୱର,୧୧।୯(ପି.ଏନ): ଟେଣ୍ଡର ପରେ ଟେଣ୍ଡର ଡକା ଯାଉଛି। ହେଲେ ମା' ତାରିଣୀଙ୍କ ନଡିଆ କେହି କିଣିବାକୁ ରାଜି ହେଉନାହାନ୍ତି। ଯେଉଁଥିପାଇଁ ଖୋଲା ବଜାରରେ ବିକ୍ରି ହେଉଛି ମା' ତାରିଣୀଙ୍କ ମାନସିକ ନଡିଆ। ଯିଏ ଯେତେବେଳେ ଚାହିଁଲେ, କମ୍ ଦାମରେ ମନ୍ଦିର ପ୍ରଶାସନଠାରୁ ନଡିଆ କିଣି ନେଉଛନ୍ତି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ଘଟଗାଁ ତାରିଣୀ। ମା'ଙ୍କ ପାଖକୁ ନଡିଆଟିଏ ବଢ଼ାଇ ଦେଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ରାତି ପାହିଲେ ମା'ଙ୍କ ପୀଠକୁ ହଜାର ହଜାର ନଡିଆ ପହଞ୍ଚିଥାଏ। ଆସୁଥିବା ମାନସିକ ନଡିଆ ମା' ତାରିଣୀଙ୍କ ମନ୍ଦିର ପରିସରରେ ଥିବା ଦୁଆର ଶୁଣି ମନ୍ଦିରରେ ପିଟାଯିବା ପରେ ଏହାକୁ ଟେଣ୍ଡର ମାଧ୍ୟମରେ ବିକ୍ରି କରିଥାଏ ମନ୍ଦିର ପ୍ରଶାସନ।



## ମୁଖ୍ୟ ଶାସନ ସଚିବଙ୍କୁ ଡେଙ୍ଗୁ

ଭୁବନେଶ୍ୱର, ୧୧।୯(ପି.ଏନ): ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଗତ ଶନିବାରଠୁ ସେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତି ହୋଇଛନ୍ତି। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସୁଥିବା ସୂଚନା ଦେଇଛନ୍ତି କ୍ୟାପିଟାଲ ହସପିଟାଲ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି, ମୁଖ୍ୟ ଶାସନ ସଚିବଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଅଛି। ଧୀରେ ଧୀରେ ସେ ସୁସ୍ଥ ହେଉଥିବା ବେଳେ ପ୍ଲେଟଲେଟ୍ ରେ ଧୀରେ ଧୀରେ ଉନ୍ନତି ପରିଲକ୍ଷିତ ହେଉଛି।

## ସେପ୍ଟେମ୍ବର ୨୫ରୁ ଘରେ ଘରେ କଂଗ୍ରେସ ଅଭିଯାନ

ଭୁବନେଶ୍ୱର,୧୧।୯(ପି.ଏନ): ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛି। ଆଗ ଘରେ ଘରେ ପହଂଚିବାକୁ ଯୋଜନା କରିଛି ଦଳ। ଆସନ୍ତା ସେପ୍ଟେମ୍ବର ୨୫ ତାରିଖରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଘରେ ଘରେ କଂଗ୍ରେସ , ଘରେ ଘରେ ହାତ ଅଭିଯାନ ଚାଲିବ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୧ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

# ନବ ନିର୍ମିତ ପୂର୍ତ୍ତ ବିଭାଗ ରାସ୍ତା ଭୁଷୁଡିଲା, କୋଟି କୋଟି ଟଙ୍କା ପାଣିରେ ପଡିବା ଆଶଙ୍କା

ସାଲେପୁର, ୧୧।୯(ପି.ଏନ): ସ୍ୱଚ୍ଛ ନିର୍ମଳ ଶାସନର ଲଗ୍ନ ନମୁନା । ଠିକାଦାର ଯନ୍ତ୍ରୀ ମିଳିମିଶି ଲୁଟିନେଲେ କୋଟି କୋଟି ଟଙ୍କା । କିଛି ଦିନ ନପୁରୁଣୁ ନୂତନ ନଦୀବନ୍ଧ ରାସ୍ତାରେ ଫାଟ ।ଖବର ମୁତାବକ, ସାଲେପୁର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ କରକମଳରେ ତା.୧୭.୦୨.୨୦୧୯ ତାରିଖ ଦିନ ଖଇରା ପୋଲଠାରୁ ସାଲେପୁର, କେନ୍ଦୁପାଟଣା, ଅସୁରେଶ୍ୱର, ରାସ୍ତା ୨୨ କି.ମି. ଠାରୁ ୩୪ କି.ମି. ପର୍ଯ୍ୟନ୍ତ ଉନ୍ନତିକରଣ କରିବା ପାଇଁ ଲକ୍ଷ୍ୟ ରଖି ଶିଳାନ୍ୟାସ କରାଯାଇଥିଲା ।ଏହାପରେ ତା.୦୩. ୦୩. ୨୦୧୯ ରିଖରେ ସେହି ରାସ୍ତାକୁ ସେ ସମୟର ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ପୂର୍ତ୍ତ ବିଭାଗ ରାସ୍ତାକୁ ସରକାର ଉନ୍ନତିକରଣ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାରେ ଦୁର୍ଘଟଣା ବଢୁଥିବାରୁ ଏହି ରାସ୍ତାକୁ ପ୍ରଶସ୍ତୀକରଣ କରାଯାଇଥିଲା । ଏହି କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ଠିକାଦାର ଏବଂ ଏଠାରେ କାର୍ଯ୍ୟ କରୁଥିବା ଜନୈକ କନିଷ୍ଠ ଯନ୍ତ୍ରୀଙ୍କ ସହ ମଧୁଚନ୍ଦ୍ରିକା ଯୋଗୁ ରାସ୍ତା କାର୍ଯ୍ୟ ଅତିନିମ୍ନମାନର କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି । ଏହି ରାସ୍ତା କାର୍ଯ୍ୟ ସରିବାର କେଇଟା ଦିନ ନପୁରୁଣୁ ରାସ୍ତା ଫାଟି ଅତଡା ଖସି ଲୁଣାନଦୀରେ ଲୀନ ହେବାକୁ ବସିଲାଣି । ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବୁହାଳ ଗ୍ରାମ ପଂଚାୟତ ସାଧକନଗରଠାରେ ରାସ୍ତାକାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇ କାର୍ଯ୍ୟ ହୋଇଥିବାରୁ ଏହି ରାସ୍ତା ଫାଟିଥିବା ସାଧାରଣରେ କୁହାଯାଉଛି । ପ୍ରକାଶ ଥାଉକି ଜନୈକ ଯନ୍ତ୍ରୀ ଜଣକ ଖୋଦ୍ ଏହି ଅଂଚଳର ହୋଇଥିବାରୁ ଠିକାଦାରଙ୍କ ସହ ମିଳିମିଶି ଭାଗିଦାରୀରେ କାର୍ଯ୍ୟ କରୁଥିବାର ଶୁଣିବାକୁ ମିଳୁଛି । ସଂକ୍ରୁକ୍ତ ଯନ୍ତ୍ରୀଙ୍କୁ ସରକାରୀ ସେବାରୁ ନିବୃତ ହେବା ପରେ ମଧ୍ୟ ଘର ପାଖରେ ନିଜ ଅଂଚଳରେ ପୁନଃ ନିଯୁକ୍ତି କରାଯାଇଛି। ସଂପୃକ୍ତ ଯନ୍ତ୍ରୀଙ୍କର କାର୍ଯ୍ୟ କରିବାର ଅବଧି ଦିନକୁ ଦିନ ବଢାଯିବା ପଛରେ କେଉଁ ରାଜନେତାଙ୍କ ଭୂମିକା ରହିଛି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହେଉଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ । ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ ବିଷୟକୁ ଗୁରୁତ୍ୱ ଦେଇ ସଂପୃକ୍ତ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ୭୨ ଘଣ୍ଟାରେ ଲଘୁଚାପ ! ତିନି ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷିବ



ଭୁବନେଶ୍ୱର,୧୧।୯(ପି.ଏନ): ଆଜି ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ମିଆଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ଧରି ରାଜ୍ୟର ଅଧିକାଂଶ ସ୍ଥାନରେ ବଜ୍ରପାତ ସହ ଘଡଘଡି ହୋଇପାରେ। ସେହିପରି ଏହାର ପରବର୍ତ୍ତୀ ୩ ଦିନ ଧରି ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଥିବା ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

## ବାଣୀବିହାରରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୧।୯(ପି.ଏନ): ହଷ୍ଟେଲରେ ମୌଳିକ ସମସ୍ୟା ଓ ରୁମ୍ ଆଲଟମେଂଟକୁ ନେଇ ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ନାମ ଲେଖା ଶେଷ ହୋଇଥିବା ବେଳେ ଏପର୍ଯ୍ୟନ୍ତ ରୁମ୍ ନମିଳିବା ଏବଂ ହଷ୍ଟେଲରେ ଅନ୍ୟାନ୍ୟ ସମସ୍ୟାକୁ ନେଇ ସୋମବାର ଦିନ ଶତାଧିକ ଛାତ୍ରଛାତ୍ରୀ କ୍ୟାମ୍ପସ୍ ରେ ଧାରଣା ଦେଇଥିଲେ। ପ୍ରଥମେ ହଷ୍ଟେଲ ଏବଂ ୱାର୍ଡେନ୍ ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ପରେ ପିଜି କାଉନ୍ସିଲ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ସୂଚନା ମିଳିଛି।

# ଅଶୋକ ଗେହଲଟଙ୍କ ସପକ୍ଷରେ ବାହାରିଲେ ସଚିନ ପାଇଲଟ

ନୂଆଦିଲ୍ଲୀ,୧୧।୯(ପି.ଏନ): ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ରାଜସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ବିଜେପି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସରକାରକୁ ଟାର୍ଗେଟ କରିବାରେ ଲାଗିଛି। କିନ୍ତୁ ପ୍ରଥମଥର ପାଇଁ ତିକ୍ତତା ସତ୍ତ୍ୱେ ଗେହଲଟ ସରକାରଙ୍କ ସମର୍ଥନରେ ଓକିଲାତି କରିଛନ୍ତି ସଚିନ ପାଇଲଟ ।ସୋମବାର ପାଲଟ କହିଛନ୍ତି, ରାଜ୍ୟର କ୍ଷମତାସୀନ କଂଗ୍ରେସ ସରକାର ସବୁ ଘଟଣାକୁ ଠିକ ଭାବେ ମୁକାବିଲା କରିଛି ଓ ବିଜେପି ଶାସିତ ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ତୁଳନାରେ ରାଜସ୍ଥାନ ସ୍ଥିତ ଭଲ ରହିଛି।

# ୪-୬ଜଣ ଅଫିସରଙ୍କ ଉପରେ ନଜର ରଖାଯାଇଛି: ଅପରାଜିତା



ଭୁବନେଶ୍ୱର,୧୧।୯(ପି.ଏନ): ଓଡିଶାର ୪-୬ଜଣ ଅଫିସରଙ୍କ ଉପରେ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି ବୋଲି ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି । ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସପି ଗତକାଲି ଏକ କାର୍ଯ୍ୟକ୍ରମରେ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ଟି-ସାର୍ଟ ପିନ୍ଧିବାକୁ ନେଇ ନିଜ ସୋଶାଲ ମିଡିଆରେ ସମାଲୋଚନା କରିବା ପରେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ଓଡିଶାରେ ୪-୬ଜଣ ଅଫିସର ଅଛନ୍ତି ଯେଉଁମାନେ ସମ୍ବିଧାନ ଦ୍ୱାରା ପରିଚାଳିତ ହେବା ଦରକାର ବୋଲି ଭୁଲି ଯାଉଛନ୍ତି । ସେମାନେ ଓଡିଶା ସରକାରଙ୍କ ପାଖରେ ଚାକିରି କରିଛନ୍ତି । ବିଜୁ ଜନତା ଦଳ ପାଖରେ ନୁହେଁ ।ଓଡିଶାର ପ୍ରଶାସନିକ ତନ୍ତ୍ରକୁ ନେଇ ସେ ଗର୍ବ କରନ୍ତି । ୨୪ବର୍ଷର ଶାସନ କାଳରେ ଏହା ସେ ଉପଲବ୍ଧି କରିଛନ୍ତି । ଯେଉଁ ୪-୫ଜଣ ଅଫିସର ଏପଟସେପଟ ହେଉଛନ୍ତି ସେମାନଙ୍କୁ ଅନୁରୋଧ ଯେ ସେମାନେ ବିଜୁ ଜନତା ଦଳର କର୍ମୀ ଭାବେ କାମ ନକରି ସମ୍ବିଧାନକୁ ଆଖି ଆଗରେ ରଖି କାମ କରନ୍ତୁ । ସବୁବେଳେ ସମାନ ପାଣିପାଗ ନଥାଏ । ଏହା ପରିବର୍ତ୍ତନ ହେବ । ଯେଉଁ ୪-୬ଜଣ ଅଫିସର ଅଛନ୍ତି ସେମାନଙ୍କ ଉପରେ ନଜର ରଖାଯାଇଛି । ତେବେ ଏହି ଅଫିସରମାନେ କିଏ ତାହା ଶ୍ରୀମତୀ ଷଡଙ୍ଗୀ ସ୍ପଷ୍ଟ କରିନଥିଲେ । କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାପାଳ କାହିଁକି ୫ବର୍ଷ ହେଲା ଗୋଟିଏ ଜିଲ୍ଲାରେ ଅଛନ୍ତି ବୋଲି ଶ୍ରୀମତୀ ଷଡଙ୍ଗୀ ପ୍ରଶ୍ନ କରିଛନ୍ତି ।

# ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ 'ତାଙ୍କର ଜି-୨୦' ବୟାନକୁ ନେଇ ବିବାଦ, ଟାର୍ଗେଟ କଲା ବିଜେପି



ଭୁବନେଶ୍ୱର,୧୧।୯(ପି.ଏନ): କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ 'ତାଙ୍କର ଜି-୨୦' ବୈଠକ ବୟାନକୁ ନେଇ ବିବାଦ ଦେଖାଯାଇଛି। ନିକଟରେ ଶେଷ ହୋଇଥିବା ଜି-୨୦ ବୈଠକ ସମ୍ପର୍କରେ ପ୍ରିୟଙ୍କା ବୟାନ ଦେବା ବେଳେ ତାଙ୍କର (ବିଜେପି) ଜି-୨୦ ବୈଠକ କଥା କହିଥିଲେ। ବାସ୍ ଏହାକୁ ନେଇ ଆଜି ତାଙ୍କୁ ଟାର୍ଗେଟ କରିଛନ୍ତି ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା।ରାଜସ୍ଥାନର ଗୋଟିଏ ରାଲିରେ ଲୋକଙ୍କୁ ସମ୍ବୋଧନ କରିବା ବେଳେ ପ୍ରିୟଙ୍କା କହିଥିଲେ ଯେ "ଆଜି ସକାଳେ ମୁଁ ଦେଖିବାକୁ ପାଇଛି ଯେ ତାଙ୍କର ଜି-୨୦ ଭେନ୍ୟୁ ପାଣିରେ ଭାସୁଥିଲା।" ସେ ପରୋକ୍ଷରେ ଜି-୨୦ ବୈଠକକୁ ବିଜେପିର ବୋଲି ତାଚ୍ଛଲ୍ୟ କରିଥିଲେ।

# ଜିଲ୍ଲାପାଳ ଓ ଏସପି ବିଜେଡି ପାଇଁ ନିର୍ବାଚନୀ ପ୍ରଚାର କରୁଛନ୍ତି : ପ୍ରସାଦ ହରିଚନ୍ଦନ

ଭୁବନେଶ୍ୱର, ୧୧।୯(ପି.ଏନ): ରାଜ୍ୟରେ ଆଗାମୀ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ ହୋଇଯାଇଛି। ଜିଲ୍ଲାପାଳ ଓ ଏସପି ଏଠି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଫଟୋଥିବା ଟିସାର୍ଟ ପିନ୍ଧି ବିଜେଡି ପାଇଁ ନିର୍ବାଚନ ପ୍ରଚାର ଆରମ୍ଭ କରିଦେଲେଣି। ଏହା ଦ୍ୱାରା ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଷୁଡିଗଲା ବୋଲି କହିଛନ୍ତି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ।ବାରିପଦାରେ ଆୟୋଜିତ ଗଣଦୌଡରେ ଜିଲ୍ଲାପାଳ ଓ ଏସପି ଦଳୀୟ ଟିସାର୍ଟ ପିନ୍ଧି ଭାଗ ନେବା ଘଟଣାକୁ ସମାଲୋଚନା କରି ସେ କହିଛନ୍ତି ଯେ ସରକାରୀ କର୍ମଚାରୀ ଓ କର୍ତ୍ତୃପକ୍ଷଙ୍କର ଆଚରଣ ବିଧି ଉଲ୍ଲଂଘନ ହୋଇଛି। ଏହା ହେଉଛି ବିଜେଡି ସଂଗଠନର ବିକଳ ଚିତ୍ର। ବିଜେଡିର କର୍ମୀମାନେ ସଂଗଠନରୁ ଅଲଗା ହୋଇଗଲେଣି। ନା ନେତା ଦଳୀୟ କାର୍ଯ୍ୟକ୍ରମରେ ମର୍ଯ୍ୟାଦା ପାଉଛନ୍ତି ନା କର୍ମୀ ଗୁରୁତ୍ୱ ପାଉଛନ୍ତି। ଏବେ ସରକାରୀ ଅଫିସର ନେତା ପାଲଟିଛନ୍ତି। ଜିଲ୍ଲାପାଳ ଓ ଏସପି ଦଳର ଜିଲ୍ଲା ସଭାପତି ଓ ସମ୍ପାଦକ ସାଜିଛନ୍ତି। ପଂଚାୟତ ଓ ବ୍ଲକ୍ ର ସରକାରୀ କର୍ମଚାରୀ ଦଳ ପାଇଁ ଟଙ୍କା ବାଂଟି କର୍ମୀ ସାଜିଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ହାଉସ୍‌କିପିଙ୍ଗ ଷ୍ଟାପଙ୍କୁ ହଇରାଣ କରୁଛି ଅଣଓଡ଼ିଆ କମ୍ପାନୀ : ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୧।୯(ପି.ଏନ): କ୍ୟାପିଟାଲ ହସ୍ପିଟାଲର ହାଉସକିପିଂ ଷ୍ଟାଫଙ୍କୁ ଏକ ଅଣଓଡ଼ିଆ କମ୍ପାନୀ "କୁଏସ୍" ହଇରାଣ ହରକତ କରୁଥିବା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ସଂପୃକ୍ତ କମ୍ପାନୀର ପକ୍ଷ ନେବା ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ସୋମବାର ଅପରାହ୍ନ ରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଏବଂ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସଂପାଦକ ପ୍ରକାଶ ମିଶ୍ର କ୍ୟାପିଟାଲ ହସ୍ପିଟାଲ ପ୍ରାଙ୍ଗଣରେ ଆନ୍ଦୋଳନରତ ହାଉସକିପିଂ ଷ୍ଟାଫଙ୍କୁ ଭେଟି ତାଙ୍କର ଦାବି ସଂପର୍କରେ ଅବଗତ ହୋଇଥିଲେ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି ଯେ, ଓଡ଼ିଶା ସରକାରଙ୍କର ବାହାର କମ୍ପାନୀ ପ୍ରତି ବଢ଼ିଯାଇଛି। ଓଡ଼ିଆ କମ୍ପାନୀଙ୍କ ଠାରୁ ରୋଜଗାର ଛଡ଼େଇ ଅଣଓଡ଼ିଆ କମ୍ପାନୀକୁ ଓଡ଼ିଶାରେ ପ୍ରାଧାନ୍ୟ ଦିଆଯିବାକୁ ସହ୍ୟ କରାଯିବ ନାହିଁ। ଅନ୍ୟପକ୍ଷରେ କ୍ୟାପିଟାଲ ଡାକ୍ତରଖାନାର ହାଉସ୍‌କିପିଙ୍ଗ ଷ୍ଟାପଙ୍କର ଦାବିକୁ ପୂର୍ଣ୍ଣ ସମର୍ଥନ ଛାତ୍ର କଂଗ୍ରେସ ପକ୍ଷରୁ କରାଯାଉଛି। ସେମାନଙ୍କ ଦାବି ପୂରଣ ନ ହେଲେ ଏବଂ ସେମାନଙ୍କୁ ଯଦି ହଇରାଣ ହରକତ୍ କରାଯାଏ ତେବେ ଛାତ୍ର କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଚେତାବନୀ ଦେଇଛନ୍ତି ।ଆନ୍ଦୋଳନରତ କର୍ମଚାରୀ ଅଭିଯୋଗ କରିଛନ୍ତି ଯେ ନୂଆ କମ୍ପାନୀ "କୁଏସ" ପୂର୍ବ କମ୍ପାନୀ ଠାରୁ ଦୈନିକ ୫୦ଟଙ୍କା କମ ମଜୁରୀ ଦେବ ବୋଲି ଘୋଷଣା କରିଛି। ଏଠାରେ ୨୪୪ ଜଣ ହାଉସକିପିଂ ଷ୍ଟାଫ କାମ କରୁଛନ୍ତି ଏବଂ ଏମାନଙ୍କର ୧୮ଜଣ ସୁପରଭାଇଜର ଅଛନ୍ତି। ଏବେ ନୂଆ କମ୍ପାନୀ "କୁଏସ" ମାତ୍ର ୧୦୦ ଜଣଙ୍କୁ ନିଯୁକ୍ତି ଦେବ ବୋଲି ଘୋଷଣା କରିଛି। ହେଲେ ଏଠାରେ ୧୦ ବର୍ଷଧରି କାମକରୁଥିବା ବାକି ଲୋକ କ'ଣ କରିବେ ? ଆଲୋଚନା ସମୟରେ କ୍ୟାପିଟାଲ ହସ୍ପିଟାଲର ଡାଇରେକ୍ଟରଙ୍କ ଉପସ୍ଥିତିରେ ନୂଆ କମ୍ପାନୀ ୨୪୪ ଜଣ ଷ୍ଟାଫଙ୍କୁ ରଖିବେବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଷଡ଼ଯନ୍ତ୍ର କରି ନୂଆ ଷ୍ଟାଫ ରଖିବାପାଇଁ କମ୍ପାନୀ ପକ୍ଷରୁ ବିଜ୍ଞାପନ ଜାରି କରାଯାଇଛି। ପୁରୁଣା କମ୍ପାନୀ ୫ ହଜାର ଟଙ୍କା ବୋନସ ଦେଉଥିବା ବେଳେ ନୂଆ କମ୍ପାନୀ ଏହାକୁ ଦେବାକୁ ରାଜି ନୁହନ୍ତି। ଆଡଭାନ୍ସ ଦେବାପାଇଁ ମଧ୍ୟ ମନା କରିଦେଇଛନ୍ତି। ଶ୍ରମ ଆଇନକୁ ଉଲ୍ଲଙ୍ଘନ କରି ୮ ଘଂଟା ବଦଳରେ ୧୨ ଘଂଟା ଡ୍ୟୁଟି କରିବାକୁ ବାଧ କରାଯାଉଛି। କାମ ପାଇଥିବା ନୂଆ କମ୍ପାନୀ ୨୦.୧୧.୨୦୨୨ ରେ କାମ ଆରମ୍ଭ କରିବା କଥା ହେଲେ ଏ ପର୍ଯ୍ୟନ୍ତ କାମ ଆରମ୍ଭ କରିନାହିଁ। ସରକାରୀ ନିୟମ ହିସାବରେ କାମ ପାଇ କାମ ଆରମ୍ଭ ନ କଲେ ସେହି କମ୍ପାନୀକୁ ବ୍ଲାକ ଲିଷ୍ଟ କରାଯିବା କଥା, ହେଲେ ଏବେ ପର୍ଯ୍ୟନ୍ତ ବି ସେହି କମ୍ପାନୀକୁ ବ୍ଲାକ ଲିଷ୍ଟ କରାଯାଇନାହିଁ। ପାଇନାନ୍‌ସିଲ ବିଡ଼ରେ ଭୁଲ ପକାଇବା ପରେ ମଧ୍ୟ ଓବିସିସି କାମ ଦଉଛି। ନୂତନ ସଂସ୍ଥା ବେଆଇନ ଭାବେ କାମ ନେଉଛି ବୋଲି ଅଭିଯୋଗ ହୋଇଛି।

# ଠିକା ନିଯୁକ୍ତି ନୁହେଁ, ଶିକ୍ଷକଙ୍କୁ ନିୟମିତ ନିଯୁକ୍ତ କରାଯାଉ : ବିଜେପି

ଭୁବନେଶ୍ୱର, ୧୧।୯(ପି.ଏନ): ଗତକାଲି ରାଜ୍ୟ ସରକାର ୨୦ହଜାର ଶିକ୍ଷକ ପଦବୀରେ ଠିକା ନିଯୁକ୍ତି କରିବା ପାଇଁ ନେଇଥିବା ନିଷ୍ପତି ବେଆଇନ ଓ ଅଗଣତାନ୍ତ୍ରିକ। ୫-ଟି ଟ୍ରାନ୍ସିମିସନ ନାଁରେ ସ୍କୁଲର କାନ୍ଥ, ବାଡକୁ ସବୁଜ ରଙ୍ଗ କରିବାରେ ଯଦି ୩,୪୧୦କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ସରକାରଙ୍କ ପାଖରେ ଟଙ୍କା ଅଛି ତାହାଲେ ଶିକ୍ଷକମାନଙ୍କ ଦରମା ଦେବା ପାଇଁ କାହିଁକି ଅର୍ଥର ଅଭାବ ପଡୁଛି। ଅକ୍ଟୋବର ୨୦୨୨ରେ ମୁଖ୍ୟମନ୍ତ୍ରୀ ନିଜେ ଓଡ଼ିଶାରୁ ଠିକା ନିଯୁକ୍ତି ହଟିଗଲା ବୋଲି ଘୋଷଣା କରିଥିଲେ। ପୁନଃ ଏପ୍ରିଲ ୨୦୨୩ରେ ଆଉ ଥରେ ଘୋଷଣା କଲେ ଯେ, ଓଡ଼ିଶାରେ ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ଆଉ କେହି ଠିକା ଶିକ୍ଷକ ରହିବେ ନାହିଁ। ତାହାଲେ ପୁଣି ଗତକାଲିର ଏହି ଠିକା ନିଯୁକ୍ତି ନିଷ୍ପତି କାହାର ? ତୁରନ୍ତ ସରକାର ଏହି ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ସହିତ ସେହି ୨୦,୦୦୦ହଜାର ଶିକ୍ଷକ ପଦବୀରେ ନିୟମିତ ନିଯୁକ୍ତି କରିବା ପାଇଁ ଆଉ ଥରେ ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ।ବର୍ତମାନ ସରକାର ଲିଜ୍‌ରେ ଚାଲିଛି ବୋଲି ଓଡ଼ିଶାର ଲୋକେ ଭାବୁଛନ୍ତି। ଏହି ଲିଜ୍‌ରେ ଚାଲିଥିବା ସରକାର ଭାବିଛନ୍ତି ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ଲିଜ୍‌ରେ ଚଲାଇବେ। ଏହା କଦାପି ବରଦାସ୍ତ କରାଯାଇ ପାରିବ ନାହିଁ। ଯଦି ୫-ଟି ସଚିବଙ୍କ ହେଲିକ୍ୟାପ୍ଟର ଖର୍ଚ୍ଚରେ ୫୦୦କୋଟି ଟଙ୍କା ଖର୍ଚ୍ଚ ହୋଇପାରିବ ତାହାଲେ ଗରିବ ଓଡ଼ିଆ ପିଲାଙ୍କ ଶିକ୍ଷାଦାନ ପାଇଁ କାହିଁକି ସରକାର ଟଙ୍କା ଖର୍ଚ୍ଚ କରିପାରିବେ ନାହିଁ ସରକାରଙ୍କ ଭୁଲ୍ ନିଷ୍ପତି ପାଇଁ ୪ଦିନ ହେବ ରାଜ୍ୟର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଯାହା ଫଳରେ ବିଦ୍ୟାଳୟ ଶିକ୍ଷାପ୍ରଦାନ ବ୍ୟବସ୍ଥା ପ୍ରଭାବିତ ହେଉଛି। ଆଜି ଶିକ୍ଷକମାନଙ୍କର ଦରମା, ନିଯୁକ୍ତି, ପଦୋନ୍ନତିକୁ ନେଇ ଯେଉଁ ସମସ୍ୟା ଉପୁଜିଛି ସେଥିପାଇଁ ସରକାର ନିଜେ ଦାୟୀ। ଓଡ଼ିଶାରେ ଶିକ୍ଷକମାନଙ୍କୁ ଯେତିକି କ୍ୟାଟାଗୋରିରେ ବିଭକ୍ତ କରାଯାଇଛି ତାହା ବୋଧହୁଏ ଆଉ କେଉଁ ରାଜ୍ୟରେ ନଥିବ। ମଇ ୬, ୨୦୨୧ରେ ମାନ୍ୟବର ହାଇକୋର୍ଟ ଓଡ଼ିଶା ସରକାରଙ୍କୁ ଏନେଇ ପ୍ରଶ୍ନ କରିଥିଲେ। ଏକଥା ମଧ୍ୟ କହିଥିଲେ ଯେ, ସରକାର ପ୍ରାଥମିକ ଶିକ୍ଷାକୁ ନେଇ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ରାଜ୍ୟ ସରକାର ମାନ୍ୟବର ହାଇକୋର୍ଟଙ୍କ ସେହି ଟିପ୍ପଣୀ ପରେ ମଧ୍ୟ ଟିକିଏ ହେଲେ ବି ସୁଧୁରିଲେ ନାହିଁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।୨୦୧୯-୨୦ରୁ ୨୦୨୨-୨୩ ୪ବର୍ଷ ଭିତରେ ଓଡ଼ିଶାରେ ୨୧,୦୦୦ ଶିକ୍ଷକ ଚାକିରୀରୁ ଅବସର ନେଲେଣି। ସେହି ପଦବୀରେ ଆଉ ନୂଆ ନିଯୁକ୍ତି କରାଯାଇ ନାହିଁ। ସେମାନେ ସମସ୍ତେ ନିୟମିତ ପଦରେ ଥିଲେ। ନିୟମ ଅନୁସାରେ ଖାଲି ହେଉଥିବା ନିୟମିତ ଶିକ୍ଷକ ପଦବୀରେ ହେବାକୁ ଥିବା ନିଯୁକ୍ତି କେବଳ ନିୟମିତ ପଦବୀ ଭାବରେ ହିଁ କରାଯିବ। ହେଲେ ଏବେ ସେହି ପଦବୀରେ ଠିକା ଶିକ୍ଷକ ନିଯୁକ୍ତି ଦେବା ପାଇଁ ଅଧିକାର ଦେଲା କିଏ ? ୧ବର୍ଷ ପରେ ସେହି ପଦବୀରେ ନିଯୁକ୍ତି ପାଇଥିବା ୨୦ହଜାର ଶିକ୍ଷକଙ୍କ ଭାଗ୍ୟ କ'ଣ ହେବ। ସରକାର ଚାହାଁନ୍ତି ସେମାନେ ପୁଣି ଲୋଏର ପିଏମ୍‌ଜିରେ ଧାରଣା ଦିଅନ୍ତୁ, ଦରମା ପାଇଁ କାର୍ଯ୍ୟ ବନ୍ଦ କରନ୍ତୁ କି ? ଆଜିର ଦିନରେ ସରକାର ନିଜେ କହୁଛନ୍ତି ଓଡ଼ିଶା ଏକ ଆର୍ଥିକ ସ୍ଥିତିରୁ ବଳକା ରାଜ୍ୟ। ତାହାଲେ କାହିଁକି ୨୦ହଜାର ଶିକ୍ଷକ ପଦବୀରେ ଠିକା ନିଯୁକ୍ତି ଦିଆଯାଉଛି। ଏମାନେ ମାସକୁ ମାତ୍ର ୧୧ହଜାର ଟଙ୍କାରେ ସେମାନଙ୍କର ପରିବାର ପ୍ରତିପୋଷଣ କରିପାରିବେ କି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି ।ଓଡିଶାରେ ଚଳିତବର୍ଷ ୪୦ହଜାର ପିଲା ମ୍ୟାଟ୍ରିକ ପରୀକ୍ଷା ଦେଇପାରିନଥିଲେ। ସାରା ଦେଶରେ ସ୍କୁଲ ଶିକ୍ଷାର ଗୁଣାତ୍ମକ ମାନକୁ ନେଇ ହୋଇଥିବା "ଫର୍‌ଫର୍‌ମାନ୍ସ ଇଣ୍ଡେକ୍ସ"ରେ ଓଡ଼ିଶାର ସ୍କୁଲ ଖରାପ ସୂଚକାଙ୍କରେ ଆସୁଛି। ରାଜ୍ୟରେ ସବୁ ସମୟରେ ଶିକ୍ଷକମାନଙ୍କ ସର୍ବନିମ୍ନ ଅଧିକାରକୁ ନେଇ ଶିକ୍ଷକମାନେ ଆନ୍ଦୋଳନ କରିବା ପାଇଁ ବାଧ ହେଉଛନ୍ତି। ହେଲେ ସରକାର ମାତିଛନ୍ତି ପିଲାମାନଙ୍କ ପୋଷାକ ଓ ସ୍କୁଲକାନ୍ଥ, ବାଡକୁ ଦଳୀୟ ରଙ୍ଗ କରିବାରେ। ଉଚ୍ଚଶିକ୍ଷାରେ ଓଡିଶାର ସରକାରୀ ଶିକ୍ଷାନୁଷ୍ଠାନମାନଙ୍କର ଜାତୀୟସ୍ତରରେ ପ୍ରଦର୍ଶନ ନୈରାଶ୍ୟଜନକ। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ଅଣଓଡ଼ିଆ ଅଧିକାରୀମାନେ ଷଡଯନ୍ତ୍ର କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଗତକାଲି ପ୍ରକାଶ କରିଥିବା ଠିକା ନିଯୁକ୍ତିର ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ସହ ସେହି ପଦରେ ନିୟମିତ ଶିକ୍ଷକନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରନ୍ତୁ, ନହେଲେ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେନେଇ ସରକାର ଦାୟୀ ରହିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

## କ୍ୟାନସର ପାଇଁ ବିକ୍ରି ହେଉଛି ନକଲି ଔଷଧ : ନଜର ରଖିବାକୁ ରାଜ୍ୟଙ୍କୁ ଡିସିଜିଆଇର ପରମାର୍ଶ

ନୂଆଦିଲ୍ଲୀ,୧୧।୯(ପି.ଏନ) : ଭାରତର ବଜାରରେ ଲିଭର ଏବଂ କ୍ୟାନସର ରୋଗୀଙ୍କ ପାଇଁ ନକଲି ଔଷଧ ସହ ଇଞ୍ଜକସନ ବିକ୍ରି ହେଉଛିବ । ଏନେଇ ଡିସିଜିଆଇ ସୂଚନା ଦେଇଛନ୍ତି । ଏଥିସହିତ ନକଲି ଔଷଧ ଏବଂ ଇଞ୍ଜକସନ ଉପରେ କଡା ନଜର ରଖିବା ପାଇଁ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପରାମର୍ଶ ଦେଇଛନ୍ତି ।ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ନକଲି ଔଷଧକୁ ନେଇ କିଛିଦିନ ପୂର୍ବରୁ ଆଲର୍ଟ ଜାରି କରିଥିଲା । ଏନେଇ ଡିସିଜିଆଇ ଗତ ୫ ତାରିଖରେ କହିଥିଲେ ଯେ, ଭାରତ ସମେତ ୪ଟି ଦେଶରେ ଏଭଳି କାରବାର ଚାଲିଛି । ଏହି ସବୁ ନକଲି ଔଷଧକୁ ଟେକଏଡା ଫାର୍ମାସ୍ୟୁଟିକାଲ କମ୍ପାନି ଲିମିଟେଡ ତିଆରି କରୁଛି । ନକଲି ଔଷଧକୁ ରୋଗୀମାନଙ୍କୁ ଘରୋଇ ଭାବରେ ପ୍ରଦାନ କରିବା ସହ ଅନଲାଇନ ମାଧ୍ୟମରେ ମଧ୍ୟ ବହୁଳ ପରିମାଣରେ ଯୋଗାଇ ଦିଆଯାଉଛି । ଏହି ସମସ୍ୟାକୁ କେନ୍ଦ୍ର କରି ଡିସିଜିଆଇ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ଚିଠି ଲେଖିଛନ୍ତି । ସେହି ଚିଠିରେ ୮ଟି ଔଷଧର ଭିନ୍ନ ଭର୍ସନ ବିକ୍ରି କରାଯାଉଥିବାର ଉଲ୍ଲେଖ କରାଯାଇଛି । ନକଲି ଔଷଧର କାରବାର ପାଇଁ ଡିସିଜିଆଇ ୪ତାରିଖରେ ସତର୍କସୂଚନା ଜାରି କରିଥିବା କଥା ମଧ୍ୟ ସେହି ଚିଠିରେ ଲେଖା ଯାଇଛି । ଏହି ସବୁ ଔଷଧର ନକଲି ଭର୍ସନ ଗତ ଏପ୍ରିଲରେ ଠାବ କରାଯାଇଥିଲା । ଡବ୍ଲୁଏଚ୍‌ଓ କହିଛି ଯେ, ଡିଫିଟେଲିୟୋର ନକଲି ଭର୍ସନ ଔଷଧ ବ୍ୟବହାର ଫଳରେ ରୋଗୀଙ୍କର ରୋଗ ଭଲ ହେବା ବଦଳରେ ଗମ୍ଭୀର ହୋଇଯାଉଛି । କେତେକ ପରିସ୍ଥିତିରେ ଏଭଳି ନକଲି ଔଷଧ ବ୍ୟବହାର ଫଳରେ ରୋଗୀଙ୍କର ମୃତ୍ୟୁ ହେବାର ଆଶଙ୍କା ରହିଛି । ନକଲି ଔଷଧର ସୂଚନା ମିଳିବା ପରେ ଡିସିଜିଆଇ ଡାକ୍ତରମାନଙ୍କୁ ଔଷଧ ଲେଖିବା ବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୀସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ



ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ବହୁମୁଖୀ ପ୍ରତିଭାର ଅଧିକାରୀ ଡକ୍ଟର ଭୋଳାନାଥ ରାଉତ

**ହିମାଂଶୁଶେଖର ଆଚାର୍ଯ୍ୟ**





ଜନ୍ମ ଥିଲେ ମୃତ୍ୟୁ ଅଛି । ଏହାହିଁ ଚିରନ୍ତନ ସତ୍ୟ। ଏହାକୁ ଏଡାଇ ହେବ ନାହିଁ । ଏପରିକି ଦେବତାମାନେ ଏଠି ଜନ୍ମ ନେଲେ ତାଙ୍କୁ ବି ମରିବାକୁ ପଡିଥାଏ। ସେଥିପାଇଁ କୁହାଯାଏ- 'ମଣିଷ ମରିବ ଦିନେ ଜନ୍ମ ହେଲେ ଦେବତା ବି ମରେ, ସାର୍ଥକ ମରଣ ତାର ଯାହା ପାଇଁ ମାଟି ଗୋଡି ଝୁରେ।' ସୁଗୁଣ ଓ ସୁକର୍ମ ହିଁ ମଣିଷକୁ କାଳଜୟୀ କରିଥାଏ। ପ୍ରବୀଣ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ଡକ୍ଟର ଭୋଳାନାଥ ରାଉତ । ଜନ୍ମ ହୋଇଥିଲେ ଫେବୃଆରୀ ୫ ତାରିଖ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ନନ୍ଦିଗ୍ରାମରେ ୧୯୩୮ ମସିହାରେ ଓ ଚାଲିଗଲେ ଆରପାରିକୁ ୨୦୨୧ ମସିହା ଅକ୍ଟୋବର ୧୬ ତାରିଖରେ। ଦୀର୍ଘ ୮୩ ବର୍ଷର ଘଟଣାବହୁଳ ଓ ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ଜ୍ୱଲ୍ୟମାନ । ଯଥାର୍ଥରେ ସିଏ ଥିଲେ ଏ ମାଟିର ଅମୂଲ୍ୟ ରତ୍ନ। ତାଙ୍କ ମୃତ୍ୟୁରେ ଏକ ଯୁଗର ଅବସାନ ହେଲା। ତାଙ୍କ ପରି ଜଣେ ମଣିଷ ଆଉ କେବେ ଜନ୍ମ ନେବେ କେଜାଣି ! ତାହା ବିଶ୍ୱନିୟନ୍ତାଙ୍କୁ ଜଣା।

ଡକ୍ଟର ଭୋଳାନାଥ ରାଉତ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଏତେ ସୁଗୁଣର ଅଧିକାରୀ ହେବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଜୁଟେ । ଏକାଧାରରେ ସେ ଥିଲେ ପ୍ରଚଣ୍ଡ ସାରସ୍ୱତ ପ୍ରତିଭା, ପ୍ରବୀଣ ଶିକ୍ଷାବିତ୍, ବିଶିଷ୍ଟ ଶିକ୍ଷକ ନେତା, ଦକ୍ଷ ସଂଗଠକ, ଜଗତସିଂହପୁର ଜିଲ୍ଲା ପୁସ୍ତକ ମେଳାର ପୁସ୍ତକ 'ସ୍ମୃତିପତ୍ର'ର ମୁଖ୍ୟ ସଂପାଦକ, ଶିକ୍ଷକ ମହାସଂଘ ଜଗତସିଂହପୁର ଶାଖାର ସଭାପତି, ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ଓ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ସଦସ୍ୟ ଓ ସର୍ବୋପରି ଅଖିଳ ଭାରତୀୟ ଓଡିଆ ଅଧ୍ୟାପକ ସଂଘର ସଭାପତି । ବିଶେଷକରି ଜଣେ ସଂଗ୍ରାମୀ ଶିକ୍ଷକ ନେତା ପ୍ରବୀଣ ଅଧ୍ୟାପକ ଓ ଅନନ୍ୟ ସାରସ୍ୱତ ସାଧକ ଭାବେ ଓଡିଶାର ଶିକ୍ଷକ ସମାଜ ଓ ସାରସ୍ୱତ ଜଗତ ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ସେଥିପାଇଁ ଛାଏଁ ଛାଏଁ ମଥା ନଇଁଯାଏ ଡକ୍ଟର ରାଉତଙ୍କ ପ୍ରତି । ତାଙ୍କ ଭଳି ଜଣେ ନିରଳସ ଓ ସାହିତ୍ୟ ସ୍ରଷ୍ଟା ଓ ଶିକ୍ଷକ ନେତା ଆଜିର ଦୁନିଆରେ ମିଳିବା ଭାରି କଷ୍ଟ ।

ଅଧ୍ୟାପନା ଜୀବନ ଆରମ୍ଭ ହୁଏ ସ୍ଥାନୀୟ ଏସ୍.ଭି.ଏମ୍. ମହାବିଦ୍ୟାଳୟରୁ ଓଡିଆ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ଭାବେ ୧୯୬୯ ମସିହା ପୂର୍ବବର୍ତ୍ତୀ ଅବସ୍ଥାରେ । ଯେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନରେ ଚାକିରି ତାଳଗଛ ଛାଇ ସଦୃଶ ଥିଲା । ସକାଳେ ଥିବା ଚାକିରି ସଂଜକୁ ନଥିଲା । ଏଭଳି ସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ଅଣ୍ଟା ଭିଡିଥିଲେ ଡକ୍ଟର ରାଉତ । ସୁଯୋଗକୁ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀ, ପ୍ରଫେସର ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କ୍ରିୟାନୁଷ୍ଠାନ କମିଟି ଗଠିତ ହେଲା ଓ ପରେ ପରେ ୧୯୭୧ ମସିହାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା । ଏହାର ସଭାପତି ଭାବେ ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ପ୍ରଫେସର ଅବନୀ ବରାଳ ରହିଲେ । ଏଇଠୁ ଆରମ୍ଭ ହେଲା ଡକ୍ଟର ରାଉତଙ୍କ ସଂଗ୍ରାମୀ ଜୀବନ । ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଓ ପରେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର ପ୍ରତିଷ୍ଠାତା ସଦସ୍ୟ ଭାବେ ଭୂମିକା କୌଣସି ଗୁଣରେ କମ୍ ନଥିଲା। ସଂଗଠନ ଭିତରେ ସେ ସବୁବେଳେ "ସଂକଟ-ମୋଚନକାରୀ" ଭୂମିକା ନିର୍ବାହ କରୁଥିଲେ । ସେଥିପାଇଁ ରାଜ୍ୟସ୍ତରରେ ଓ ଜିଲ୍ଲା ସ୍ତରରେ ସମସ୍ତ ବର୍ଗର ଶିକ୍ଷକ ଓ ଶିକ୍ଷକନେତାଙ୍କର ସ୍ୱତନ୍ତ୍ର ସମ୍ମାନ ତାଙ୍କ ପ୍ରତି ରହିଥିଲା। ଯେତେବେଳେ କୌଣସି ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ତାଙ୍କ ପାଖକୁ ଯାଉଥିଲେ ସେ କାହାକୁ ନିରାଶ କରୁନଥିଲେ। ସେ ଥିଲେ ଜଣେ ଅଶାବାଦୀ ମଣିଷ । ସମସ୍ତଙ୍କୁ କହୁଥିଲେ ସଂଗଠନ ଓ ଏକତା ହେଉଛି ଆମର ବଡ ପୁଞ୍ଜି। ସମସ୍ତେ ପ୍ରତ୍ୟେକଙ୍କ ପାଇଁ ଓ ପ୍ରତ୍ୟେକ ସମସ୍ତଙ୍କ ପାଇଁ ନୀତିକୁ ଆପଣାଇଲେ ଆମର ସଂଗ୍ରାମ ସଫଳ ହେବ। ପ୍ରକୃତରେ ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ ବୋଲି ପ୍ରମାଣିତ ହୋଇଥିଲା। ୧୯୬୯ ମସିହାର ଓଡିଶା ଶିକ୍ଷା ଆଇନ୍ ୧୯୭୪ ମସିହାର ପ୍ରତ୍ୟକ୍ଷ ଅନୁଦାନ ଓ ୧୯୮୦ ମସିହାର ପେନସନ୍ ସୁବିଧା ଏବଂ ଅନ୍ୟାନ୍ୟ ଚାକିରି ସର୍ତ୍ତାବଳୀ ତାହାର ଗୋଟିଏ ଗୋଟିଏ ଉଦାହରଣ।

ସଂଗ୍ରାମୀ ଜୀବନ ଭିତରେ ଭୋଳାନାଥ ରାଉତଙ୍କ ସାହିତ୍ୟ ସାଧନା ସ୍ଥିର ହୋଇନଥିଲା। ତାଙ୍କର ପେଶା ଥିଲା ଅଧ୍ୟାପନା ଓ ନିଶା ଥିଲା ସାହିତ୍ୟ ସାଧନା। ପେଶାରୁ ନିବୃତ୍ତ ହେବା ପରେ ଲେଖନୀ ତାଙ୍କର ଅଧିକ ଶାଣିତ ହୋଇଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରି ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି ଯାହା ତାଙ୍କ ସୃଷ୍ଟିସମ୍ଭାରରୁ ବେଶ୍ ବାରି ହୋଇପଡେ। ଏପରିକି ବିଭିନ୍ନ ପତ୍ରପତ୍ରିକାରେ ଅନେକ ଉପାଦେୟ ପ୍ରବନ୍ଧ ଲେଖି ସେ ଅନେକ ଖ୍ୟାତି ଅର୍ଜନ କରିଥିଲେ। ଦାଣ୍ଡି ରାମାୟଣରେ ଓଡ଼ିଶାର ଲୋକସଂସ୍କୃତି, କାବ୍ୟ ଓ କବି, ଓଡ଼ିଆ ସାହିତ୍ୟରେ ତତ୍ତ୍ୱ ଓ ତଥ୍ୟ, ବୈଦିକ ସମାଜରେ ସାହିତ୍ୟ ଓ ସଂସ୍କୃତି, ଲେଖା ଓ ଲେଖକ ଶତାବ୍ଦୀର ସ୍ୱପ୍ନ ପ୍ରବନ୍ଧ ସେ ଯୁଗରେ ଓ ଏ ଯୁଗରେ ଇତ୍ୟାଦି ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ମହାର୍ଘ ଦାନ ଓଡ଼ିଆ ସାହିତ୍ୟ ଓ ଆଧ୍ୟାତ୍ମିକ ଜଗତରେ ସେ ଏକ ସ୍ୱତନ୍ତ୍ର ପରିଚୟର ଅଧିକାରୀ। ବିଶେଷକରି 'ଜଗତସିଂହପୁର ଜିଲ୍ଲା ଅତୀତ ଓ ବର୍ତ୍ତମାନ' ପୁସ୍ତକ ସଂକଳନ ତାଙ୍କ ଜୀବନର ଏକ ମାଇଲଖୁଣ୍ଟ ହୋଇ ରହିବ । ଏହି ପୁସ୍ତକ ସଂକଳନ କରି ସେ ଇତିହାସ ପୁରୁଷ ପାଲଟି ଯାଇଛନ୍ତି । ସେଥିପାଇଁ ଜଗତସିଂହପୁର ଜିଲ୍ଲାବାସୀ ତାଙ୍କ ପାଖରେ ସର୍ବଦା ଋଣୀ ହୋଇ ରହିବେ । ସେହିପରି ୧୯୯୯ ମହାବାତ୍ୟା ପରେ ଆରମ୍ଭ ହୋଇଥିବା ଜଗତସିଂହପୁର ପୁସ୍ତକମେଳାର "ସ୍ମୃତିପତ୍ର"ର ମୁଖ୍ୟ ସମ୍ପାଦକ ଭାବେ ତାଙ୍କ ଅବଦାନକୁ ଭୁଲିହେବ ନାହିଁ । ଏହା ତାଙ୍କର ସାରସ୍ୱତ ପ୍ରତିଭାର ମୂଲ୍ୟାୟନ କରେ । ଏତଦ୍‌ବ୍ୟତୀତ ଅଖିଳ ଭାରତ ଓଡିଆ ଅଧ୍ୟାପକ ସଂଘର ସଭାପତି ଦାୟିତ୍ୱ ତାଙ୍କ ସାଂଗଠନିକ ଦକ୍ଷତାର ଅନ୍ୟ ଏକ ନମୁନା । ଖାଲି ସେତିକି ନୁହେଁ ଏସ୍.ଭି.ଏମ୍ କଲେଜଠାରୁ ଆରମ୍ଭ କରି ଆଡିକେସି ସାଲେନଦାସ ମହାବିଦ୍ୟାଳୟ ତିର୍ତ୍ତୋଲ, ବାଙ୍କୀ ମହାବିଦ୍ୟାଳୟ, କନ୍ଦରପୁର ମହାବିଦ୍ୟାଳୟ ଅନେକ ମହାବିଦ୍ୟାଳୟରେ ଅଧ୍ୟାପନା ଓ ଅଧ୍ୟକ୍ଷ ଭାବେ କାର୍ଯ୍ୟନିର୍ବାହ କରି ୧୯୯୮ ମସିହାରେ କେନ୍ଦ୍ରାପଡ଼ା କଲେଜରୁ ସେବାନିବୃତ୍ତ ହୋଇଥିଲେ ।

ସବୁ ମଣିଷର ଜନ୍ମ ଏକ ପ୍ରକାର । କିନ୍ତୁ ଅସାଧାରଣ କର୍ମହିଁ ମଣିଷକୁ କାଳଜୟୀ କରିଥାଏ । ଏହାହିଁ ପ୍ରକୃତରେ ପ୍ରମାଣିତ କରିଯାଇଛନ୍ତି ଡକ୍ଟର ରାଉତ । ଦାସେ ଆପଣଙ୍କ ଭାଷାରେ-"ମାନବ ଜୀବନ ନୁହଇଁ କେବଳ ବର୍ଷ ମାସ ଦିନ ଦଣ୍ଡକର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ ।" ଚାହିଁ ଚାହିଁ ୧ବର୍ଷ ହୋଇଗଲା । ସବୁରି ପ୍ରିୟ ଡ଼କ୍ଟର ଭୋଳାନାଥ ରାଉତ ଚାଲିଯାଇଛନ୍ତି ଅଫେରା ରାଇଜକୁ । ସେ ଆଉ ଫେରିବେନି । ହେଲେ ତାଙ୍କ ଅବର୍ତ୍ତମାନର ଦିନ ଯେତେ ଗଡି ଗଡି ଯାଉଛି ତାଙ୍କ ସୁଗୁଣର ସୁମନ ସେତେ ବେଶୀ ପାଖୁଡ଼ା ମେଲାଉଛି । ଆଉ ସେହି ବାସ୍ନାକୁ ଆଘ୍ରାଣ କରୁଛନ୍ତି ଜିଲ୍ଲା ତଥା ରାଜ୍ୟବାସୀ । ତଥାପି ଆମକୁ ଲାଗୁଛି ସତେ ଯେମିତି ତାଙ୍କର ମୃତ୍ୟୁ ହୋଇନାହିଁ । ସେ ଆମ ଆଖିରେ ଏବେବି ଜୀବନ୍ତ ମଣିଷ ଭଳି ବଞ୍ଚି ରହିଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ଏତିକି କୁହାଯାଇପାରେ-*"ମାଟି ଦେହ ଚିତା ତୁମ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ।"*

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ଆଇଭିଏଫ୍ ମାଧ୍ୟମରେ ସନ୍ତାନ



ବହୁଦିନ ପରେ ସ୍କୁଲ ବେଳର ସାଙ୍ଗ ସୁମିତ୍ରାର ଫୋନ କଲ୍‌ଟିଏ ପାଇଲି। ଆଉଟଡୋର ଯିବାକୁ ତରତର ହେଉଥିବାବେଳେ ସୁମିତ୍ରାର ଫୋନ ମୋତେ ସାମାନ୍ୟ ଇତଃସ୍ତତ କରିଦେଲା। ମୁଁ ଜାଣିଛି ଦୀର୍ଘଦିନ ବିବାହ ପରେ ବି ତା କୋଳକୁ ପିଲାଟିଏ ଆସିନାହିଁ। ମୋତେ ଫୋନରେ କହିଲା- 'ଆଜି ଖବରକାଗଜ ଦେଖିଲଣି, ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାର ନେଲାପର୍ତ୍ତିପାଡୁ ଗାଁର ଇ.ରାଜା ରାଓଙ୍କ ସ୍ତ୍ରୀ ଏରାମଟ୍ଟି ମାଙ୍ଗାୟାମ୍ମା କୋଠପେଟସ୍ଥିତ ଅହଲ୍ୟା ହସ୍ପିଟାଲରେ ଯମଜ ସନ୍ତାନ ଜନ୍ମ ଦେଇଛନ୍ତି। ଇନ୍‌ଭିଟ୍ରୋ ଫର୍ଟିଲାଇଜେଶନ ପଦ୍ଧତିରେ ସେ ଗର୍ଭଧାରଣ କରିଥିଲେ। ସନ୍ତାନ ଜନ୍ମ କରିବାରେ ସେ ଭାରତର ସବୁଠୁ ବୟସ୍କା ମାଆ ବୋଲି ଡାକ୍ତର କହିଛନ୍ତି।' ମୁଁ ତାକୁ ସବିଶେଷ କହିଲି। ୭୪ ବର୍ଷୀୟା ଏହି ମହିଳା ହେଉଛନ୍ତି ସନ୍ତାନ ଜନ୍ମ କରିବାରେ ଭାରତର ସବୁଠୁ ବୟସ୍କା ମାଆ। ଏହା ପୂର୍ବରୁ ୨୦୧୬ରେ ପଞ୍ଜାବର ୭୦ ବର୍ଷୀୟା ଦଲଜିନ୍ଦର କୌର ପ୍ରଥମ ଥର ମାଆ ହୋଇଥିଲେ। ଆଇଭିଏଫ୍ ମାଧ୍ୟମରେ ଯମଜ କନ୍ୟା ସନ୍ତାନ ପାଇଥିବା ଏ ମହିଳା କିନ୍ତୁ ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ ନାହିଁ। ମିଲ୍କ ବ୍ୟାଙ୍କରେ ମିଳୁଥିବା କ୍ଷୀର ଶିଶୁଙ୍କୁ ଦିଆଯିବ। ସୂଚନା ଥାଉକି ଅନ୍ୟ ଜଣେ ମହିଳା ଦାନ କରିଥିବା ଡିମ୍ବାଣୁ ସହ ଏହି ମହିଳାଙ୍କ ସ୍ୱାମୀ ରାଜା ରାଓଙ୍କ ଶୁକ୍ରାଣୁକୁ ଆଇଭିଏଫ୍ ପଦ୍ଧତିରେ ବିକଶିତ କରାଯାଇ ଏହି ମହିଳାଙ୍କ ଗର୍ଭାଶୟରେ ସ୍ଥାପନ କରାଯାଇଥିଲା ଓ ସେ ଜାନୁଆରୀରେ ଗର୍ଭବତୀ ହୋଇଥିଲେ। ଅନେକ ହୁଏତ ଜାଣିନଥାନ୍ତି ଫଲିକିଲ୍ ଷ୍ଟିମୁଲେଟିଂ ହରମୋନ ଆସିଷ୍ଟେଡ ରିପ୍ରଡକ୍ଟିଭ ଟେକ୍ନୋଲୋଜିରେ ଅଧିକ ବ୍ୟବହାର କରାଯାଇଥାଏ। ଫଲିକିଲ୍ ଷ୍ଟିମୁଲେଟିଂ ହର୍ମୋନ ସହିତ ସିନର୍ଜିରେ ଏଲ୍‌ଏଚ୍ ହରମୋନ ସାଧାରଣ ଫଲିକୁଲାର ବୃଦ୍ଧି ଓ ଓଭୁଲେସନକୁ ଉତ୍ତେଜିତ କରିଥାଏ। ଡିମ୍ବାଶୟ ମଧ୍ୟରେ ଫ୍ଲୁଇଡ୍ ଦ୍ୱାରା ପୂରଣ ହୋଇଥିବା ସିଷ୍ଟ ଭିତରେ ଡିମ୍ବଗୁଡ଼ିକ ଉତ୍ପନ୍ନ ହୋଇଥାନ୍ତି ଯାହାକୁ ଫଲିକିଲ୍ କୁହାଯାଏ। ଯେତେବେଳେ ମହିଳା ମାନଙ୍କର ମାସିକ ଋତୁସ୍ରାବ ହୋଇଥାଏ, କୌଣସି ପ୍ରଜନନ ଔଷଧ ଗ୍ରହଣ କରାଯାଇ ନଥିବା ଏକ ପ୍ରାକୃତିକ ପ୍ରଜନନ ଚକ୍ରରେ ସମୟ ଅନୁଯାୟୀ ବିଭିନ୍ନ ଫଲିକିଲ୍ ଗୁଡ଼ିକର ବୃଦ୍ଧି ଘଟିଥାଏ। କିଛି ସପ୍ତାହ ପରେ ଏହି ଫଲିକିଲ୍ ମାନଙ୍କ ମଧ୍ୟରେ ମାତ୍ର ଗୋଟିଏ ପରିପକ୍ୱ ହେବାକୁ ଓ ଫାଟିବାକୁ ବିକଶିତ ହୋଇଥାଏ ଏବଂ ଓଭୁଲେସନ୍ ସମୟରେ ଏହାର ଡିମ୍ବାଣୁ ନିଷ୍କାସନ କରିଥାଏ। ବିକଶିତ ହେବାକୁ ଆରମ୍ଭ କରୁଥିବା ଅନ୍ୟ ସମସ୍ତ ଫଲିକିଲ୍ ଗୁଡ଼ିକ ବୃଦ୍ଧି କରନ୍ତି ନାହିଁ ଏବଂ ପୁନର୍ଗଠିତ ହୋଇଥାଆନ୍ତି। ପରିଶେଷରେ ଗର୍ଭାଶୟ ମଧ୍ୟରେ ବହୁତ କମ୍ ପରିମାଣର ଡିମ୍ବାଣୁ ମହିଳା ମାନଙ୍କ ପ୍ରଜନନିକ ଜୀବନ ଅବଧି ସମୟରେ ଡିମ୍ବାଣୁ ନିଷ୍କାସିତ କରିବାକୁ ରହିଥାଆନ୍ତି। ଏଆର୍‌ଟି ପୂର୍ବରୁ ଏଫ୍‌ଏସ୍‌ଏଚ୍ ଥିବା ଔଷଧଗୁଡ଼ିକ ଦ୍ୱାରା ଫଲିକିଲ୍ ଓ ଡିମ୍ବାଣୁଗୁଡ଼ିକର ପୁର୍ନଃଆରମ୍ଭ ସମ୍ଭବ। ଏହା ହେଉଛି ଏକ ହରମୋନ ଯେଉଁ କାରଣରୁ ପିଟ୍ୟୁଟାରୀ ଗ୍ଲାଣ୍ଡ ଗୋଟିଏ ଡିମ୍ବାଣୁ ବିକଶିତ କରିଥାଏ। ଯଦି ମହିଳାଙ୍କ ଏଫ୍‌ଏସ୍‌ଏଚ୍‌ର ରକ୍ତ ସ୍ତରର ବୃଦ୍ଧି ଘଟିଥାଏ, ତେବେ ମୋଟାମୋଟି ଭାବେ ସେହି ସମାନ ହାରରେ ବିଭିନ୍ନ ଫଲିକିଲ୍ ମାନଙ୍କର ବିକାଶ ହୋଇଥାଏ,ଯାହା ଏକାଧିକ ପରିପକ୍ୱ ଡିମ୍ବାଣୁକୁ ସଂଗ୍ରହ କରିବା ପାଇଁ ଅନୁମତି ପ୍ରଦାନ କରେ। ଲୁଟେଞ୍ଜିଂ ହରମୋନ ହେଉଛି ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ପ୍ରଜନନକାରୀ ହରମୋନ, ଯାହା ଋତୁଚକ୍ର ଓ ଓଭୁଲେସନ ସମୟକୁ ନିୟନ୍ତ୍ରଣ କରିଥାଏ। ଏଲ୍‌ଏଚ୍ ହରମୋନ ସ୍ତରଗୁଡ଼ିକ ବଢ଼ିବା ସହିତ ଓଭୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ। ସେହିପରି ଫଲିକିଲ୍ ଷ୍ଟିମୁଲେଟିଂ ହରମୋନ ହେଉଛି ପ୍ରତ୍ୟେକ ଋତୁଚକ୍ରରେ ଡିମ୍ବାଶୟରେ ଡିମ୍ବାଣୁଗୁଡ଼ିକର ପରିପକ୍ୱତା ନିମନ୍ତେ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଉତ୍ପନ୍ନ ହେଉଥିବା ଆଉ ଏକ ଦରକାରୀ ପ୍ରଜନନକାରୀ ହରମୋନ। ଚକ୍ର ସମୟରେ ଏଫଏସ୍‌ଏଚ୍‌ର ସ୍ତରଗୁଡ଼ିକ ଭିନ୍ନ ହୋଇଥାଏ କିନ୍ତୁ ଓଭୁଲେସନର କିଛି ସମୟ ପୂର୍ବରୁ ଏଗୁଡ଼ିକ ଅଧିକ ହୋଇଥାଏ। ଆଇଭିଏଫ୍‌ର ସଫଳତାର ମାତ୍ରା ଆଜିକାଲି ଅଧିକ ହେଉଥିଲେ ବି କିନ୍ତୁ କିଛି ନିର୍ଦ୍ଦିଷ୍ଟ ମହିଳା ମାନଙ୍କ କ୍ଷେତ୍ରରେ ଏହା ଅଧିକ ନୁହେଁ କାରଣ ଯେଉଁମାନେ ଆବେଗିକ କ୍ଷେତ୍ର ହେଉ ବା ଶାରୀରିକ ବା ଆର୍ଥିକ ଚିନ୍ତା ଦେଇ ବାରମ୍ବାର ଗତି କରିଥାନ୍ତି ସେମାନଙ୍କ ପାଇଁ ଏହି ସଫଳତା ଉପରୋକ୍ତ ଲକ୍ଷଣକୁ ନେଇ ନିର୍ଦ୍ଧାରିତ ହୋଇଥାଏ। ଆଜିକାଲି ଆଇଭିଏଫ୍ ମାଧ୍ୟମରେ ଅନେକ ଦମ୍ପତି ସନ୍ତାନ ପ୍ରାପ୍ତିର ସୁଖ ପାଉଛନ୍ତି। ଅନେକଙ୍କ ପାଇଁ ଏହା ବଡ଼ ଧୈର୍ଯ୍ୟର କାରଣ ଓ ବ୍ୟୟସାପେକ୍ଷର ପ୍ରସଙ୍ଗ ହୋଇପାରେ। ତେବେ ଆଇଭିଏଫ୍ ମାଧ୍ୟମରେ ସନ୍ତାନ ପ୍ରାପ୍ତି ପୂର୍ବରୁ ଦମ୍ପତିଙ୍କ ଭିତରେ ମାନସିକ ସନ୍ତୁଳନ ଜରୁରୀ। ସ୍ତ୍ରୀ ଓ ପ୍ରସୂତୀରୋଗ ବିଶେଷଜ୍ଞଙ୍କ ଉପରେ ଭରଷା କରିବା ସହ ଭଗବାନଙ୍କ ଉପରେ ପ୍ରଗାଢ଼ ଭକ୍ତି ଓ ପ୍ରାର୍ଥନାର ବିଶ୍ୱାସ ବରଦାନ ପରି କାମ କରିଥାଏ। ଉପରୋକ୍ତ ମହିଳାଙ୍କ ଖବର ସମଗ୍ର ଭାରତରେ ମହିଳା ମାନଙ୍କ ଆଇଭିଏଫ୍ ପଦ୍ଧତିରେ ସନ୍ତାନ ପ୍ରାପ୍ତିର ବଡ଼ ଖବର ନିଶ୍ଚୟ।

**ଡାକ୍ତର ଶୁଭଶ୍ରୀ ମିଶ୍ର**, ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୮୬୧୪୬୩୪୦୬

# ବଡ଼ଭାଇ



ଜଣେ ଆଦର୍ଶ ଶିକ୍ଷକ ଭାବେ, ଭାସ୍କର ସାର୍ କେବଳ ତାଙ୍କ ଗ୍ରାମ ଚକ୍ରଧରପୁର ଶାସନରେ ନୁହେଁ ସେ ମଉଜାର ପନ୍ଦର/କୋଡ଼ିଏ ଗ୍ରାମରେ ବେଶ୍ ଭଲ ଭାବରେ ପରିଚିତ। ପିତା/ମାତାଙ୍କର ସେ ଏକମାତ୍ର ସନ୍ତାନ। ବାପା ସୋମନାଥ ଆଚାର୍ଯ୍ୟ ସେ ଅଞ୍ଚଳର ଜଣେ ବଡ଼ ଜମିଦାର। ଶିକ୍ଷିତ ଓ ବିଚାରବନ୍ତ ମଧ୍ୟ। ଠିକ୍ ସମୟରେ ପୁଅର ବିବାହ ସମ୍ପନ୍ନ ହେଲା ପାଖ ଗାଁ। ସରସ୍ୱତୀପୁରର ଗିରୀଶ ମହାପାତ୍ରଙ୍କ ଝିଅ ସୁମିତ୍ରା ସହ।

ବିବାହର ଦୁଇ ବର୍ଷ ପରେ ସୁମିତ୍ରାଙ୍କ କୋଳମଣ୍ଡନ କଲା ପୁତ୍ର ସନ୍ତାନଟିଏ। ନାଁ ତାର ରଖାଗଲା ଅଜୟ, ଡାକ ନାମ ଅଜୁ। ଅଜୁକୁ ଯେତେବେଳ ଛଅ ବର୍ଷ ବୟସ, ମାତା ସୁମିତ୍ରା ଦେବୀଙ୍କର ଗୋଟିଏ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଲା। ସୁମିତ୍ରାଙ୍କର ଏହି ଦାରୁଣ ଅକାଳ ବିୟୋଗରେ ମ୍ରିୟମାଣ ହୋଇ ପଡ଼ିଲେ ଭାସ୍କର ସାର୍। ବାପା ମାଆ, ସାଇ ପଡ଼ିଶା, ସାଙ୍ଗସାଥୀ ସମସ୍ତେ ଭାସ୍କରଙ୍କୁ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ କଲେ। ମାତ୍ର ଦ୍ୱିତୀୟ ପତ୍ନୀ ଆସିଲେ କାଳେ ତାଙ୍କ 'ଅଜୁ'କୁ ସ୍ନେହ ମମତା ଦେବନି ଏହି ଭୟରେ ସେ ବିବାହ କରି 'ଅଜୁ'ର ଜୀବନକୁ ସାବତ ମାଆ ହାତକୁ ଟେକି ଦେବାକୁ ଚାହୁଁ ନଥିଲେ। ପରିଶେଷରେ ଆତ୍ମୀୟସ୍ୱଜନଙ୍କ ହସ୍ତକ୍ଷେପରେ ବାଧ୍ୟ ହୋଇ ଦ୍ୱିତୀୟ ବିବାହ କଲେ। ଦ୍ୱିତୀୟ ପତ୍ନୀ ମମତାଙ୍କୁ ତାଙ୍କ ଘରେ ପାଦ ରଖିବା ଦିନଠୁ ହିଁ ଭାସ୍କର ସାର୍ ତାଗିଦ୍ କରି କହିଥିଲେ, "ତାଙ୍କର ପୁତ୍ର 'ଅଜୁ'କୁ ସ୍ନେହ ମମତା ଦେବାରେ ଯେପରି ଟିକିଏ ହେଲେ ଖିଲାପ କରିବେ ନାହିଁ। ସତକୁ ସତ ମମତା ଦେବୀ ବିବାହର ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ଅଜୁକୁ ଖୁବ୍ ସ୍ନେହ ଆଦର କରୁଥିଲେ। ମାତ୍ର ତାଙ୍କ କୋଳକୁ 'ବିଜୁ' ଆଉ 'ରାଜୁ' ଆସିବା ପରେ ପରେ ମମତା ଦେବୀଙ୍କର ଅଜୁ ପ୍ରତି ବ୍ୟବହାର ବଦଳିବାରେ ଲାଗିଲା। ଭାସ୍କର ସାର୍ ପ୍ରାୟ ପ୍ରତ୍ୟେକ ଦିନ ସ୍କୁଲରୁ ଫେରି ଏ ସବୁ ଧୀରେ ଧୀରେ ଲକ୍ଷ୍ୟ କଲେ। ଖୁବ୍ ମାନସିକ ଯନ୍ତ୍ରଣାରେ ପ୍ରତିଦିନ ପ୍ରତିରାତି ଛଟପଟ ହେବାକୁ ଲାଗିଲେ। ମମତାଙ୍କୁ ବୁଝେଇ ବୁଝେଇ ଥକିଗଲେ ବି ସେ କିଛି ବୁଝିଲେ ନାହିଁ। ଶେଷକୁ ଚିନ୍ତାର ବୋଝ ମାଡ଼ି ବସିଲା ଭାସ୍କରଙ୍କୁ। ନିଜକୁ ଏଥିପାଇଁ ଦାୟୀ ମନେକରି ଅପରାଧର ଗ୍ଲାନିରେ ଦିନକୁ ଦିନ ମାନସିକ ସ୍ତରରେ ଭାଙ୍ଗି ପଡ଼ିଲେ। ଦିନେ ଅପରାହ୍ନରେ ଭାସ୍କର ସାର୍ ହୃଦ୍‌ଘାତରେ ସବୁଦିନ ପାଇଁ ଆଖି ବୁଜିଲେ। ଭାସ୍କରଙ୍କ ପିତାମାତା ମଧ୍ୟ ଏହି ଅସହ୍ୟ ପୁତ୍ର ବିଚ୍ଛେଦ ଦୁଃଖରେ ଅଧୀର ହୋଇ ସଂସାରରୁ ବିଦାୟ ନେଲେ।

ଏବେ ଘରେ ମମତା ଦେବୀ, ବଡ଼ ପୁଅ ଅଜୁ ଏବଂ ସାନ ଦୁଇ ପୁଅ ବିଜୁ ଓ ରାଜୁ ସହ ରୁହନ୍ତି। ହେଲେ ଭାସ୍କର ସାର୍‌ଙ୍କ ଦେହାନ୍ତ ପରେ ଅଜୁ ପ୍ରତି ମମତା ଦେବୀଙ୍କ ଦୁର୍ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ତାଙ୍କ ମାମୁଁ ମାଇଁ ତାକୁ ପାଖକୁ ନେଇଗଲେ। ବି.ଟେକ୍ ପର୍ଯ୍ୟନ୍ତ ପଢ଼ାଇଲା ପରେ ଅଜୁ ଏବେ ଏକ ଘରୋଇ କମ୍ପାନୀରେ ଇଞ୍ଜିନିୟର ଭାବେ ଯୋଗଦେଲା। ଠିକ୍ ସମୟରେ ଗୋଟିଏ ଯୋଗ୍ୟ ପାତ୍ରୀ ସହ ମାମୁଁ ଅଜୁର ବିବାହ ମଧ୍ୟ କରାଇଦେଲେ। ଅଜୁ ଏବେ ତା' ସ୍ତ୍ରୀ 'ଶ୍ୱେତା' ଓ ଝିଅ 'ଲିପି' ସହ ଏକ ଭଡ଼ାଘରେ ଭୁବନେଶ୍ୱରରେ ରୁହେ। ସେପାଖେ ମମତା ଦେବୀ ଦୁଇପୁଅଙ୍କୁ ଠିକ୍ ସମୟରେ ବିବାହ କରାଇଲେ। ଦୁଇ ପୁଅ ଦୁଇ ବୋହୂଙ୍କୁ ନେଇ ହସି ଉଠିଲା ତାଙ୍କ ଭଙ୍ଗା ଘରଟି ପୁଣି ଥରେ। ଖୁବ୍ କମ୍ ଦିନ ପାଇଁ ଦୁଇ ଭାଇ ଏକାଠି ରହିଲେ, ମାଆ ମଧ୍ୟ ସେମାନଙ୍କ ପାଖରେ ଥିଲେ। ମାତ୍ର ମାଆକୁ ଚଳାଇବା ପାଇଁ, ମାଆର ଭରଣପୋଷଣ ପାଇଁ ଦୁଇ ଭାଇଙ୍କ ଭିତରେ ଥିବା ମତାନ୍ତର ଶେଷକୁ ମନାନ୍ତରର ରୂପ ନେଲା। ଜୀବନରେ ବିଚାର ଭୁଲ ହୋଇଗଲେ, ନିଜ ତିଆରି ଜାଲରେ ନିଜକୁ ଛନ୍ଦି ହେବାକୁ ପଡ଼େ, ଅଥଳ ସମୁଦ୍ରରେ ଜାଲ ବିଛେଇ ମାଛ ମାରିବାର ଅଭିଜ୍ଞତା ଅଛି ନୋଳିଆର, କିନ୍ତୁ ବେଳେବେଳେ ସେଇ ଜାଲରେ ଛନ୍ଦି ହୋଇ ନୋଳିଆ ବି ପ୍ରାଣ ହରାଏ। ଘର ମଝିରେ ଏବେ ପାଚେରୀ ପଡ଼ିଲା। ଏଘର ସେଘର ଦଉଡ଼ୁ ଦଉଡ଼ୁ ଅଣନିଃଶ୍ୱାସୀ ହୋଇପଡ଼ିଲେ ମାଆ ମମତା ଦେବୀ। ଶେଷକୁ ଦୁଇ ପୁଅ, ଦୁଇ ବୋହୂଙ୍କୁ ପରିତ୍ୟାଗ କରି ସେ ବଡ଼ ପୁଅ ଅଜୁ ପାଖକୁ ବାଧ୍ୟ ହୋଇ ଚାଲିଗଲେ। ସାଙ୍ଗରେ ସବୁ ଜମିବାଡ଼ିର ଦଲିଲ୍, ପଟ୍ଟା, ପାଉତି ମଧ୍ୟ ନେବାକୁ ଭୁଲିଲେ ନାହିଁ। ଉଦ୍ଦେଶ୍ୟ ଥିଲା ସବୁ ସମ୍ପତ୍ତି ଅଜୁ ନାମରେ କରି ଦେବେ!! ଯଦିଓ ସେ 'ଅଜୁ' ପ୍ରତି, ଆସିବା ଦିନଠାରୁ ଆଜିଯାଏଁ ଦିନୁଟିଏ ମଧ୍ୟ ଭଲ ବ୍ୟବହାର କରିନାହାନ୍ତି, ତଥାପି ତାଙ୍କର ଆତ୍ମବିଶ୍ୱାସ ଥିଲା 'ମମତା ଦେବୀଙ୍କୁ' ତାଙ୍କ ବଡ଼ପୁଅ ଅଜୁ କେବେହେଲେ ହତାଦର କରିବ ନାହିଁ। ସତକୁ ସତ ମମତା ଦେବୀ, ବଡ଼ପୁଅ ଘର ପାଖରେ ପହଞ୍ଚିଯିବା ମାତ୍ରେ ବଡ଼ବୋହୂ ଶ୍ୱେତା ଏବଂ ନାତୁଣୀ ଲିପି ଧାଇଁ ଆସି ଅତି ଆନନ୍ଦରେ ସ୍ୱାଗତ କରିନେଇଥିଲେ ଘରକୁ। ଅଜୁର ଗୋଡ଼ ତଳେ ଲାଗିଲା ନାହିଁ ଖୁସିରେ। ସେବା ନିମନ୍ତେ କେବଳ ମନ ସ୍ୱଚ୍ଛ ଓ ଆବିଳତା ଶୂନ୍ୟ ହେବା ଆବଶ୍ୟକ।

ଅଜୁ ହାତକୁ ସବୁ ଜମିବାଡ଼ିର କାଗଜପତ୍ର ବଢ଼ାଇ ଦେବାମାତ୍ରେ ଅଜୁ ଖୁବ୍ ଦୁଃଖ ପ୍ରକାଶ କଲା ମାଆର ଅଭିପ୍ରାୟ ଜାଣି। ମାଆ ହାତରୁ ନିରୁତ୍ସାହିତ ଭାବରେ ତାହାକୁ ନେଇ ଟେବୁଲ୍ ଡ୍ରୟାର୍‌ରେ ରଖିଦେଲା। ମାଆର ଗୋଡ଼ ହାତ ଧୋଇ ଦେଇ ନିଜ ଗାମୁଛାରେ ପୋଛିଦେଲା। ଶ୍ୱେତା ଖାଇବାକୁ ବାଢ଼ିଦେଲା ଅତି ଶ୍ରଦ୍ଧାରେ। ଚାରି / ପାଞ୍ଚ ଦିନ ପରେ କାଗଜପତ୍ରକୁ ନିଜର ଏକ ଫାଇଲ୍‌ରେ ରଖି ଅଜୁ ଗାଁରେ ରହୁଥିବା ଦୁଇ ଭାଇଙ୍କ ପାଖକୁ ଚାଲିଲା। ବଡ଼ ଭାଇକୁ ଫାଇଲ୍ ଧରି ତାଙ୍କ ଆଡ଼କୁ ଆସୁଥିବାର ଦେଖି, ସାନ ଦୁଇ ଭାଇଙ୍କର ହୃଦ୍‌ବୋଧ ହେଲା ଯେ ସେମାନଙ୍କଠାରୁ ସବୁ ଜମିବାଡ଼ି ଛଡ଼େଇ ନେବାପାଇଁ ମା'କୁ ପାଖରେ ରଖିବାର ଏକ ବାହାନା ମାତ୍ର କରିଛନ୍ତି, ବଡ଼ଭାଇ। ଯେଉଁଠି ମନରେ ପ୍ରଶ୍ନବାଚୀ, ସେଠି ପାଦ ଧୀର। ଲାଗୁଥାଏ ପାଦ ଆଗକୁ ଯାଉଥିଲା ଭଳି, କିନ୍ତୁ ପାଦ ପଛକୁ ଯାଉଥାଏ।

ଦୁଇଭାଇ ଘରର ଦାଣ୍ଡ ବାରଣ୍ଡାକୁ ଆସି ବଡ଼ଭାଇକୁ ଯାହା ମନକୁ ଆସିଲା କହି ଶୋଧିବାକୁ ଲାଗିଲେ। ମାତ୍ର ଅନ୍ୟକୁ କାବୁ କରିବାର ପ୍ରକୃତ ଶକ୍ତି ଥାଏ ସ୍ନେହରେ, ଏକଥା ଅଜୁକୁ ବେଶ୍ ଭଲ ଭାବରେ ଜଣାଥାଏ।

ଏକ ବଡ଼ଭାଇର କର୍ତ୍ତବ୍ୟ କରିବାକୁ ଯାଇ ଅଜୁ ସମସ୍ତ କାଗଜପତ୍ର ଦୁଇ ଭାଇଙ୍କ ହାତକୁ ବଢ଼େଇ ଦେଇ କହିଲେ, "ଆଦରର ଦୁଇ ଭାଇ ମୋର, ଆଉ କୌଣସି ଧନସମ୍ପତ୍ତିରେ ମୋର ଏବେ ପ୍ରୟୋଜନ ନାହିଁ। ସ୍ୱର୍ଗଠାରୁ ବଡ଼ ଦିବ୍ୟଜନନୀ ମାଆଙ୍କୁ ପାଇଗଲା ପରେ ଏ ତୁଚ୍ଛ ଜମିବାଡ଼ି ବା ମୋର କ'ଣ ହେବ? ତୁମ୍ଭେମାନେ କାଳେ ସଂଶୟରେ ଥିବ, "ମାଆ ମୋ ନାଁରେ ସବୁ ଉଇଲ୍ କରିଦେଲା କି!! ଏଥିପାଇଁ ମୁଁ ତୁମ ଦୁହିଁଙ୍କର ସମସ୍ତ ସଂଶୟ ଦୂରକରି ଜଣାଇବାକୁ ଚାହେଁ କି ମୁଁ ମାଆକୁ ବୁଝାଇ ଦେବାରୁ ମାଆ ଶେଷରେ ସବୁ ଜମିବାଡ଼ି ତୁମ ଦୁଇଭାଇଙ୍କ ନାଁରେ ଉଇଲ୍ କରିଦେଇଛି, ଆଉ ସେ ଜମିବାଡ଼ିରେ ମୋର କିଛି ବି ଅଧିକାର ନାହିଁ, ଏକଥା ମଧ୍ୟ ଲେଖିଦେଇ ମୁଁ ଦସ୍ତଖତ ଦେଇ ସାରିଛି। ଏବେ ତୁମେ ଦୁଇଭାଇ ଜମିବାଡ଼ିର ସମସ୍ତ କାଗଜପତ୍ର ସହ ଏହି ଉଇଲ୍ ପେପର୍‌କୁ ନେଇ ଯତ୍ନରେ ରଖ। ଆଉ ମାଆକୁ କିମ୍ବା ମୋତେ ସନ୍ଦେହ କରନାହିଁ। ଶେଷକୁ ଦୁଇ ଭାଇଙ୍କୁ ଗୋଟିଏ ଅନୁରୋଧ, ତୁମ ଦୁହିଁଙ୍କ ପାଖରୁ ଗଲା ଦିନଠାରୁ ମାଆ ଆଖିରୁ ସବୁଦିନ ଲୁହ ଝରୁଛି। ଏ ଲୁହ ଆମ ସମସ୍ତଙ୍କ ପାଇଁ କ୍ଷତିକାରକ। ତେଣୁ ଥରୁଟିଏ ପାଇଁ ମୋ ଘରକୁ ଆସ, ମାଆର ପାଦ ଛୁଇଁ କ୍ଷମା ମାଗିବ, ଆଉ କେବେହେଲେ ମାଆ ମନରେ କଷ୍ଟ ଦେବନାହିଁ ବୋଲି ଶପଥ କରିବ। ଯାହାଫଳରେ ମାଆ ଆମର ଭାଙ୍ଗି ନ ପଡ଼ି ଆଉ କିଛି ବର୍ଷ ବଞ୍ଚିଯିବା ପାଇଁ ବଳ ପାଇଯିବ। ବାସ୍ ତା'ପରେ ଆମେ ତିନିଭାଇ ମିଶି ଭୋଜନ କରିବା।"

ବଡ଼ଭାଇ ଅଜୁ ଏ କଥା କହି ଦୁଇ ଭାଇଙ୍କ ହାତକୁ ଫାଇଲ୍‌ଟି ବଢ଼ାଇଦେଲା ବେଳେ ଦୁଇଭାଇ ବିଜୁ ଓ ରାଜୁଙ୍କ ମୁହଁ ଲଜ୍ଜାରେ କଳା ପଡ଼ିଗଲା। ଅନୁତାପରେ ମୁଣ୍ଡ ନଇଁଗଲା। ପ୍ରେମ ବଦଳରେ ପ୍ରେମ ଦିଆଯାଏ, ବସ୍ତୁ କିମ୍ବା ବିଭବ ନୁହେଁ, ଏକଥା ଦୁହେଁଯାକ ହୃଦୟଙ୍ଗମ କଲେ। ରାମ ଭଳି ଭାଇକୁ ସେମାନେ କେତେ ହୀନ ଦୃଷ୍ଟିରେ ଦେଖିଥିଲେ ଆଉ ସନ୍ଦେହ କରୁଥିଲେ, ଏକଥା ଭାବି ସେମାନଙ୍କ ଆଖି ସଜଳ ହୋଇଆସିଲା, କଣ୍ଠ ବାଷ୍ପରୁଦ୍ଧ ହେଲା। ଦୁଇ ଭାଇଯାକ ଏକାସଙ୍ଗେ ବଡ଼ଭାଇ ଅଜୁର ପାଦ ଛୁଇଁ କରିଥିବା ଭୁଲ୍ ପାଇଁ ପ୍ରାୟଶ୍ଚିତ କଲେ, କ୍ଷମା ମାଗିଲେ। ପ୍ରକୃତରେ ବାଧାବିଘ୍ନ ହିଁ ମଣିଷକୁ ବଡ଼ କରିଥାଏ, ସୁବିଧା, ସୁଯୋଗ ନୁହେଁ।

ଏବେ ତିନିଭାଇ ମାଆ ମମତା ଦେବୀଙ୍କ ସହ ମିଳିମିଶି ଗାଁରେ ସେହି ଗୋଟିଏ ଘରେ ଗୋଟିଏ ଛାତ ତଳେ ରହୁଛନ୍ତି। ସମସ୍ତଙ୍କର ମନ ଏଣିକି ଗଙ୍ଗା ପରି ନିର୍ମଳ, ପବିତ୍ର। ସାରା ଘରଟିରେ ଶାନ୍ତି, ସୁଖର ଲହରୀ ଖେଳୁଛି।

**ଡ ପ୍ରତିଭା ମହାରଥୀ**

*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଜାତୀୟସ୍ତରୀୟ ଲୋକ ଅଦାଲତ

ମାଲକାନଗିରି, (ପି.ଏନ): ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ, ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ସମିତି ମୋଟୁ ଏବଂ ଜେଏମଏଫସି କୋର୍ଟ ମୋଟୁ ଓ ଜେଏମଏଫସି କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟାଧୀକାରୀ କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରାଳୟ ତଥା ମୋଟୁ, କୁଡୁମୁଲୁଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲାଜର୍ଜ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀମତୀ ଅଜନ୍ତା ଷଡଙ୍ଗୀ, ଅତିରିକ୍ତ ଜିଲ୍ଲା ଜର୍ଜ ଉଦୟଭାନୁ ଜେନା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସତ୍ୟପ୍ରିୟ ଦାସ, ବରିଷ୍ଠ ଦେବାନୀ ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେବାନୀ ବିଚାରପତି ରାଜେଶ କୁମାର ମୁଦୁଲି, ବରିଷ୍ଠ ଦେବାନୀ ବିଚାରପତି (ମହିଳା କୋର୍ଟ) ଶ୍ରୀମତି ବବିତା ଦାଶ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଅରୂପ ନାୟକ, ଉପଖଣ୍ଡିୟ ଦଣ୍ଡାଧିକାରୀ ରୁଦ୍ର ପ୍ରକାଶ ନାୟକ ଏବଂ ଗ୍ରାମ ନ୍ୟାୟାଧୀକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ମୋଟୁ ପ୍ରବୀଣ କୁମାର ହୋତା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ, କୁଡୁମୁଲୁଗୁମ୍ମା ସୁମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ । ଏହି ଜାତୀୟ ଲୋକ ଅଦାଲତରେ ମୋଟ ୧୯୮୫ ଗୋଟି ମୋକଦ୍ଦମାର ଫଇସଲା କରାଯାଇ ୭୫୩୫୭୭୩ ଟଙ୍କା ଧାର୍ଯ୍ୟ କରାଯାଇଥିଲା ।ଏହି ଲୋକ ଅଦାଲତରେ ଜିଲ୍ଲା ଜର୍ଜ କୋର୍ଟ, ଅତିରିକ୍ତ ଜିଲ୍ଲା ଜର୍ଜ କୋର୍ଟ, ସିଜେଏମ କୋର୍ଟ, ସବ ଜର୍ଜ କୋର୍ଟ, ଏସଡ଼ିଜେଏମ କୋର୍ଟ, ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧୁକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି, ମୋଟୁ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ର ଓକିଲ ସଂଘ ର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ ସହଯୋଗ କରିଥିଲେ।

# ଶିଶୁ ମହିଳା ବିକାଶ ସୋସାଇଟି ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ବଲାଙ୍ଗୀର, (ପି.ଏନ): ଶିଶୁ ଓ ମହିଳା ବିକାଶ ସୋସାଇଟି (ସିଡବ୍ଲୁଡିଏସ୍)ର ଅଧ୍ୟକ୍ଷ ମେଜର ଡା. କଳ୍ପନା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲ୍ଲାର ସଇଁନ୍ତଳା ବ୍ଲକ ଅନ୍ତର୍ଗତ ଡେଙ୍ଗ ଗ୍ରାମର ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ନେଇ ପ୍ରାଥମିକ ଚିକିତ୍ସା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡେଙ୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚଣ୍ଡାଳ ମିଶ୍ର, ଶିକ୍ଷକ ସୁଦର୍ଶନ ଦାଶ, ସମୀର ସେଠି, ଶିକ୍ଷୟିତ୍ରୀ ରଣୁକା ସାହୁ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ତାଲିକାଦାତା ଭାବରେ ପ୍ରାଥମିକ ଚିକିତ୍ସା ଫାଷ୍ଟ ଏଡ଼ର ରାମ ନାରାୟଣ ଦାଶ ଯୋଗଦେଇ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରିଥିଲେ । ପ୍ରାଥମିକ ଚିକିତ୍ସା ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବୁଝାଇବା ସହ ଡେମୋନଷ୍ଟ୍ରେସନ ମାଧ୍ୟମରେ ରିକୋଭରି ପୋଜିସନ, ସକ୍, ମୂର୍ଚ୍ଛା, ଅସ୍ଥିଭଗ୍ନ, ରକ୍ତସ୍ରାବ, ଏପିଲେପସି, ବ୍ୟାଣ୍ଡେଜିଙ୍ଗ, ଆହତ ବ୍ୟକ୍ତିଙ୍କୁ ସ୍ଥାନାନ୍ତରିତ କୌଶଳ, ଅଗ୍ନିରୁ ସୁରକ୍ଷା ପାଇବା ଉପାୟ ତଥା ଗୁଡସମରିତାନର ଭୂମିକା ଭଳି ବିଭିନ୍ନ କୌଶଳ ତାଲିମ ଦେଇଥିଲେ।

# ଅଚ୍ୟୁତପୁର ସ୍କୁଲ ସାମ୍ନାରେ ଖାଲ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ଅଚ୍ୟୁତପୁରସ୍ଥିତ ଦାମୋଦର ସରକାରୀ ହାଇସ୍କୁଲ ସାମ୍ନାରେ ବଡ଼ ବଡ଼ ଖାଲ । ବର୍ଷା ହେଲେ ଖାଲରେ ପାଣି ଭର୍ତ୍ତି ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଶୁଖିଲା ପାଗରେ ଖାଲରେ ପଡ଼ି ପଥଚାରୀ ଓ ସାଇକଲ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି । ବିଶେଷ କରି ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘବର୍ଷ ହେଲା ଶାନ୍ତିବଜାର-କାଏମା ରାସ୍ତା ମରାମତି ହେଉନଥିବାରୁ ଏଠାରେ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଉଛି । ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ଉକ୍ତ ହାଇସ୍କୁଲକୁ ଗତ ଜୁନ୍ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସିଂରେ ଲୋକାର୍ପଣ କରିଥିଲେ । ଲୋକାର୍ପଣକୁ ଚାରିମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟାଳୟ କାମ ଶେଷହୋଇ ପାରୁନାହିଁ । ଦୀର୍ଘଦିନ ହେଲା ସ୍କୁଲ ସାମ୍ନାରେ ଚିପ୍ସ ଜମା ହୋଇଥିବା ବେଳେ ଇଟା ଓ ବାଲି ବି ପକାଯାଉଛି । ମନ୍ଥର ଗତିରେ ସ୍କୁଲରେ କାମ ହେଉଥିବାରୁ ପାଠପଢ଼ା ବାତାବରଣ ନଷ୍ଟ ହେଉଛି । ସେହିପରି ପ୍ରବେଶପଥ ରାସ୍ତାକୁ ଅଣଓସାରିଆ କରାଯାଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଉକ୍ତ ରାସ୍ତାରେ ଛାତ୍ରଛାତ୍ରୀ ସାଇକେଲ ରଖୁଥିବାବେଳେ କୌଣସି ବାହାର ଲୋକ କିମ୍ବା ଅଭିଭାବକ ବାଇକ୍ ରଖିଦେଲେ ଯାତାୟାତ ଠପ୍ ହୋଇଯାଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୧୨

# ତାଳଗଛ କରିବ ବଜ୍ରପାତ ମୁକାବିଲା



ଅଲେଖ ଚନ୍ଦ୍ର ସାମଲ

ବଜ୍ରପାତ ଯୋଗୁଁ ରାଜ୍ୟରେ ବହୁ ଜୀବନ ଚାଲିଯାଉଛି। ଏଥିରୁ ଲୋକ ମାନଙ୍କୁ ବଞ୍ଚାଇବା ପାଇଁ ପାରମ୍ପରିକ ପଦ୍ଧତି ଆପଣାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବଜ୍ରପାତଜନିତ ମୃତ୍ୟୁକୁ ହ୍ରାସ କରିବାକୁ ରାଜ୍ୟରେ ବହୁ ପରିମାଣରେ ତାଳଗଛ ଲଗାଯିବ। ଗ୍ରାମାଞ୍ଚଳରେ ବହୁ ପରିମାଣରେ ତାଳଗଛ ଲଗାଇବାକୁ। ଗତ ସେପ୍ଟେମ୍ବର ୨ ତାରିଖରେ ଗୋଟିଏ ଦିନରେ ବଜ୍ରପାତ ଯୋଗୁଁ ୧୨ଜଣଙ୍କ ମୃତ୍ୟୁ ହେବା ପରେ ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଭଳି ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି। ଅଧିକାଂଶ ବଜ୍ରପାତଜନିତ ମୃତ୍ୟୁ ଗ୍ରାମାଞ୍ଚଳରେ ହେଉଥିବାରୁ ତାଳଗଛ ଏଥିରୁ ସୁରକ୍ଷା ଦେଇପାରିବ। ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ବହୁଳ ମାତ୍ରାରେ ତାଳଗଛ ଲଗାଇବାକୁ ଉଭୟ ବିଭାଗକୁ ପରାମର୍ଶ ଦିଆଯାଇଛି। ପୂର୍ବରୁ ରାଜ୍ୟର ଗ୍ରାମାଞ୍ଚଳରେ ବହୁ ପରିମାଣର ତାଳଗଛ ଥିଲା। ଏହା ବଜ୍ରପାତଜନିତ ମୃତ୍ୟୁକୁ ରୋକିବାରେ ସହାୟକ ହେଉଥିଲା। ସହରୀକରଣ ଯୋଗୁ ସମୟ କ୍ରମେ ତାଳଗଛ ଲୋପ ପାଇଯିବାରୁ ବଜ୍ରପାତ ସିଦା ଭୂମିରେ ପଡୁଛି। ଯଦ୍ୱାରା ବିଲବାଡ଼ିରେ କାମ କରୁଥିବା କୃଷକ ଓ ଶ୍ରମିକମାନେ ଏହାର ଶିକାର ହେଉଛନ୍ତି। ବିଶେଷକରି ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ବଜ୍ରପାତ ଯୋଗୁ ଅନେକ ଲୋକ ମୃତାହତ ହେଉଛନ୍ତି। ବଜ୍ରପାତ ମୁଖ୍ୟତଃ ଉଚ୍ଚା ଗଛ ଯଥା ତାଳ ଓ ନଡ଼ିଆ ଗଛ ଉପରେ ହୋଇଥାଏ। ଦିନଥିଲା ଆମ ପୂର୍ବ ପୁରୁଷମାନେ ପ୍ରଚୁର ପରିମାଣରେ ଘର, ଦେବାଳୟ ଓ ଚାଷ ଜମିର ଚତୁଃପାର୍ଶ୍ୱରେ ତାଳଗଛ ଲଗାଉଥିଲେ। ପୂର୍ବରୁ ତାଳଗଛ ଯେ କେବଳ ବଜ୍ରପାତରୁ ରକ୍ଷା କରୁନଥିଲା ବରଂ ଏହାର ଫଳକୁ ଖାଦ୍ୟ ଓ ପାନୀୟ ଆକାରରେ ବ୍ୟବହାର କରାଯାଉଥିଲା। ତାଳଗଛର ବାହୁଙ୍ଗ ଛପର ଓ ଟୋକେଇ ତିଆରିରେ ବ୍ୟବହୃତ କରାଯାଇପାରିବ ବୋଲି ବିଶେଷଜ୍ଞଙ୍କ ମତ ଦେଉଛନ୍ତି। ତାଳପିଠା ଓଡ଼ିଆ ଖାଦ୍ୟ ତାଲିକାରେ ଏକ ଲୋକପ୍ରିୟ ଖାଦ୍ୟ। ସେହିପରି ତାଳରୁ ତେଲ ଓ ତାଳଗୁଡ଼ ମଧ୍ୟ ପ୍ରସ୍ତୁତ ହେଉଛି। ଏଠାରେ ସୂଚନାଯୋଗ୍ୟ ୨୦୧୮ରେ ସମସ୍ତ ରାଜ୍ୟ ଓ ଜାତୀୟ ରାଜପଥ, ଗ୍ରାମାଞ୍ଚଳ, ସଂରକ୍ଷିତ ଜଙ୍ଗଲ ଓ କ୍ଷେତରେ ତାଳଗଛ ଲଗାଇବାକୁ ଜଙ୍ଗଲ ବିଭାଗ ରାଜ୍ୟର ସମସ୍ତ ବନଖଣ୍ଡକୁ ଜଣାଇଥିଲା। ହେଲେ ତାହା ଫଳପ୍ରଦ ହୋଇପାରି ନାହିଁ। ତାଳଗଛ ବଜ୍ରପାତଜନିତ ମୃତ୍ୟୁକୁ ରୋକିବାରେ ଅନେକାଂଶରେ ସହାୟକ ହେବ ବୋଲି ପରିବେଶବିତ ମତ ଦେଉଛନ୍ତି। ବଜ୍ରପାତଜନିତ ମୃତ୍ୟୁକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବାକୁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି କରିଛନ୍ତି। ତାଳଗଛର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। କେବଳ ସରକାର ଓ ପ୍ରଶାସନ ଉପରେ ଏହାର ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ।

*ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍)*
*ଜୟପୁର ଡିଭିଜନ,*
*ଦୂରଭାଷ : ୯୪୩୭୨୫୬୭୨୩*

# ଦେଶର ନାମ ପରିବର୍ତ୍ତନ କାହା ସ୍ୱାର୍ଥରେ ?



ବୃହସ୍ପତି ସାମଲ

ସଂପ୍ରତି ନାମ ପରିବର୍ତ୍ତନର ପ୍ରବାହମାନ ଧାରାରେ ରାସ୍ତାଘାଟ, ବଗିଚ଼ା, କୋଠାବାଡ଼ି, ସହରବଜାର ଓ ରେଳ ଷ୍ଟେସନ ଇତ୍ୟାଦି ପରେ ପରେ, 'ଭାରତ' ଅଥବା 'ଇଣ୍ଡିଆ' ମଧ୍ୟରୁ କେଉଁ ନାମଟି ଆମ ଦେଶ ପାଇଁ ପ୍ରଯୁଜ୍ୟ ତାକୁ ନେଇ ବିଗତ କେଇଦିନ ହେଲା ଜୋରଦାର ଚ଼ର୍ଚ୍ଚା ଓ ବାଦବିବାଦ। ଭାରତର ମହାମହିମ ରାଷ୍ଟ୍ରପତି ଜି-୨୦ ରାଷ୍ଟ୍ରର ପ୍ରତିନିଧିମାନଙ୍କୁ ରାତ୍ରଭୋଜନ ପାଇଁ ପଠାଇଥିବା ନିମନ୍ତ୍ରଣ ପତ୍ରରେ ପ୍ରେସିଡେଣ୍ଟ ଅଫ ଇଣ୍ଡିଆ ବଦଳରେ ପ୍ରେସିଡେଣ୍ଟ ଅଫ ଭାରତ ଲେଖାଯିବା ପରେ ଆଲୋଚ଼ନା ଆହୁରି ତୀବ୍ରତର ହେଉଛି। ଜି-୨୦ ଶିଖର ସମ୍ମିଳନୀ ଉଦଯାପିତ ପରେ ବି ଆରୋପ ପ୍ରତ୍ୟାରୋପ ଥମିନାହିଁ। ଛାପା, ବୈଦୁତିକ ଓ ସାମାଜିକ ଗଣମାଧ୍ୟମରେ ଶାସକ ଓ ବିରୋଧୀ ଦଳମାନଙ୍କ ସହ ବିଭିନ୍ନ ରାଜନୈତିକ ଦଳ, ବୁଦ୍ଧିଜୀବୀମଣ୍ଡଳୀ ଓ ବ୍ୟକ୍ତି ବିଶେଷ ନିଜ ନିଜର ମତ ରଖିବାରେ ବ୍ୟସ୍ତ। 'ଭାରତ' ନାମକୁ ସମର୍ଥନ କରୁଥିବା ବିଜେପି ଏବଂ ଏନଡିଏ ମେଣ୍ଟର ରାଜନୈତିକ ଦଳ ଓ ସେମାନଙ୍କ ସମର୍ଥକଙ୍କ କହିବା କଥା ହେଲା ବୈଦିକ ଯୁଗରୁ ଆମ ଦେଶର ନାମ ଜମ୍ବୁଦୀପ, ହିନ୍ଦୁସ୍ତାନ ଅଥବା ଭାରତ ଭାବେ ବିଖ୍ୟାତ। ଭାରତୀୟତା ଆମର ପରିଚ଼ୟ। 'ଇଣ୍ଡିଆ' ଏକ ଔପନିବେଶବାଦ ମାନସିକତା ଯାହା ଇଂରେଜମାନଙ୍କ ଦ୍ୱାରା ପ୍ରଦତ। ତେଣୁ ଆମର ଅସ୍ମିତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ଦେଶର ନାମ 'ଭାରତ' ହେବା ଜରୁରୀ। ନାମ ପରିବର୍ତ୍ତନକୁ ବିରୋଧ କରୁଥିବା ବିରୋଧୀଦଳ ମାନଙ୍କ ଯୁକ୍ତି ହେଲା ଦେଶର ଗଣତନ୍ତ୍ର ଓ ସମ୍ବିଧାନକୁ ବାରମ୍ବାର ବେଖାତିର ଓ ଅସମ୍ମାନ କରୁଥିବା ଶାସକ ବିଜେପି ଦଳକୁ କ୍ଷମତାରୁ ହଟାଇବାକୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚ଼ନ ଲଢିବା ପାଇଁ ସେମାନେ ମିଳିତ ଭାବେ 'ଇଣ୍ଡିଆ' (ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନକ୍ଲୁସିଭ୍ ଆଲିଆନ୍ସ ବା ଓ.ଘ.ଉ.ଓ.ଇ) ମେଣ୍ଟ ଗଢିବାରୁ ବିଜେପି ସରକାର ପରାଜୟ ଭୟରେ 'ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି' ନ୍ୟାୟରେ ଦେଶର ନାମ 'ଇଣ୍ଡିଆ' ପରିବର୍ତ୍ତ ? 'ଭାରତ' ରଖିବା ପାଇଁ ବ୍ୟଗ୍ରତା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଆଗରୁ ଆମ ଦେଶର ନାମ ପରିବର୍ତ୍ତନ ପାଇଁ ଉଚ୍ଚ଼ତମ ନ୍ୟାୟାଳୟ ପର୍ଯ୍ୟନ୍ତ କଥା ଯାଇଥିଲେ ବି ମାନ୍ୟବର ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିବାକୁ ମନାକରିସାରିଛନ୍ତି।

ଇତିହାସ ପୃଷ୍ଠାରୁ ଯାହା ଜଣାପଡେ ସିନ୍ଧୁ ସଭ୍ୟତା ବା ଇନ୍ଦସ ଭାଲି ସିଭଲାଇଜେସନ ସମୟରୁ ଅଖଣ୍ଡ ଭାରତର ନାମ ଇଣ୍ଡିଆ ଭାବେ ପ୍ରଚ଼ଳିତ। ପ୍ରାୟ ଖ୍ରୀଷ୍ଟପୂର୍ବ ୨୫୦ରେ ମୌର୍ଯ୍ୟ ଶାସନ କାଳରେ ଗ୍ରୀକ ପରିବ୍ରାଜକ ମେଘାସ୍ଥିନିସ୍ ତାଙ୍କ ଭାରତ ପରିଭ୍ରମଣ ପରେ ନିଜ ଭ୍ରମଣ ବୃତ୍ତାନ୍ତ ଯେଉଁ ବହିରେ ଲେଖିଥିଲେ ତା'ର ନାମ ଥିଲା ଇଣ୍ଡିକା (ଓଘଉଓଉଇ)। ୧୪୯୨ରେ ପର୍ତ୍ତୁଗୀଜ ନାବିକ କଲମ୍ବସ ଇଣ୍ଡିଆ ସନ୍ଧାନରେ ଆଟଲାଣ୍ଟିକ ମହାସାଗରର ପଶ୍ଚିମକୁ ଯାଇ ଯେଉଁ ଦ୍ୱୀପ ସମୂହରେ ପହଁଚ଼ିଲେ ତାର ନାଁ ୱେଷ୍ଟଇଣ୍ଡିଜ (ଡରସ୍ଥସ୍ଥ ଓଭୟସରସ୍ଥ) ଏବଂ ସେଠିକାର ବାସିନ୍ଦାଙ୍କୁ ଏବେ ବି ଆଂଗ୍ଲୋ ଇଣ୍ଡିଆନ (ଇଭଶକ୍ଷକ୍ଟ ଓଭୟସବଭସ୍ଥ ବା ଲୋହିତ ଭାରତୀୟ) ବୋଲି କୁହାଯାଏ। ସେହିଭଳି ୧୪୯୮ରେ ଅନ୍ୟଜଣେ ପର୍ତ୍ତୁଗୀଜ ନାବିକ ଭାସ୍କ ?ଡ଼ଗାମା କେରଳର କୋଚ଼ି ବନ୍ଦରରେ ପହଞ୍ଚିଥିଲେ, ଯାହା ଗେଟୱେ ଅଫ୍ ଇଣ୍ଡିଆ (ଝଷର ଏବସ୍ଥରଙ୍ଗବଚ୍ଛ କ୍ଟଲ ଓଭୟସବ) ନାଁରେ ପ୍ରସିଦ୍ଧ। ଇଣ୍ଡିଆ ନାମକୁ ନେଇ ଏତେ ସବୁ ଘଟଣା ଇଂରେଜ ଶାସନର ବହୁ ପୂର୍ବରୁ ଘଟିସାରିଥିବାରୁ, ଇଣ୍ଡିଆ ନା'ରେ ଔପନିବେଶବାଦ ରହିଛି ବୋଲି ଯାହା କୁହାଯାଉଛି, ତାହା ଗ୍ରହଣୀୟ ନୁହେଁ। ସର୍ବୋପରି, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ – ୧ ରେ 'ଇଣ୍ଡିଆ' ଓ 'ଭାରତ' ଉଭୟ ଶବ୍ଦ (ଇଣ୍ଡିଆ ଦାଟ୍ ଇଜ ଭାରତ ସାଲ ବି ଏ ୟୁନିୟନ ଅଫ୍ ଷ୍ଟେଟ୍ସ) ଲିପିବଦ୍ଧ ହୋଇ ଉଭୟ ନାମରେ ଆମ ଦେଶ ବହୁ ପ୍ରସିଦ୍ଧି ଲାଭ କରିଥିବାରୁ ନାମ ପରିବର୍ତ୍ତନର ଆବଶ୍ୟକତା ନାହିଁ ବୋଲି ସମ୍ବିଧାନ ବିଶେଷଜ୍ଞମାନଙ୍କର ମତ। କେହି କେହି ଗ୍ରାମାଞ୍ଚଳକୁ ଭାରତ ଓ ସହରାଞ୍ଚଳକୁ ଇଣ୍ଡିଆ ବୋଲି ଅଭିହିତ କରି ଇଣ୍ଡିଆର ଜୀବନ ଭାରତ ଭିତରେ ରହିଛି ବୋଲି କହନ୍ତି। ତେଣୁ, ସଗର୍ବ ? ଆମେ ନିଜକୁ ଉଭୟ ଇଣ୍ଡିଆନ ଏବଂ ଭାରତୀୟ ଭାବେ ପରିଚ଼ୟ ଦେଇଆସୁଛନ୍ତି। ଅତଏବ, ଏଇ ନାମ ପରିବର୍ତ୍ତନର ଆବଶ୍ୟକତାକୁ ନେଇ ଆଜି ସାଧାରଣ ଜନତାଙ୍କ ମନରେ ଅନେକ ପ୍ରଶ୍ନ – ଏହା ଏକ ରାଜନୈତିକ ଅଭିସନ୍ଧି ନା ଆଉକିଛି ? ଏଥିରେ ଲାଭ କାହାର ? ନାମ ପରିବର୍ତ୍ତନରେ ଦେଶର କେଉଁ ସ୍ୱାର୍ଥ ସାଧିତ ହେବ ? ଆଗକୁ ସାଧାରଣ ନିର୍ବାଚ଼ନ ଥିବାବେଳେ, 'ଏକ ଦେଶ, ଏକ ନିର୍ବାଚ଼ନ' ଓ ଦେଶର ନାମ ପରିବର୍ତ୍ତନ ଭଳି ପ୍ରସଙ୍ଗକୁ ସରକାର କାହିଁକି ଏତେ ପ୍ରାଧାନ୍ୟ ଦେଇ ବ୍ୟଗ୍ରତା ପ୍ରକାଶ କରୁଛନ୍ତି ? ଏହା ଦଳୀୟ ସ୍ୱାର୍ଥକୁ ସୁରକ୍ଷା ଦେବ ନା ଦେଶର ସ୍ୱାର୍ଥକୁ ? ଏମିତି ଅନେକ। ସବୁଠାରୁ ବଡ ଚ଼ିନ୍ତାର ବିଷୟ ହେଉଛି ଆଗାମୀ ଡିସେମ୍ବର ୨୦୨୪ ଭିତରେ ଅନ୍ୟୂନ ୧୩ଟି ରାଜ୍ୟର ବିଧାନସଭା ନିର୍ବାଚ଼ନ ସହ ମଇ ୨୦୨୪ରେ ଲୋକସଭା ନିର୍ବାଚ଼ନର ଅବ୍ୟବହିତ ପୂର୍ବରୁ ଏଇସବୁ ପ୍ରସଙ୍ଗର ବହୁଳ ଚ଼ର୍ଚ୍ଚା ଭିତରେ ମଣିପୁର ନାରୀ ନିର୍ଯାତନା, ହରିୟାଣା ଦଙ୍ଗା, ବେକାରୀ, ଦରବୃଦ୍ଧି, ଦୁର୍ନୀତି ଭଳି ବହୁ ସ୍ପର୍ଶକାତର ଘଟଣାରୁ ସରକାର ଲୋକଙ୍କ ଧ୍ୟାନ ହଟେଇବାରେ ସକ୍ଷମ ହେଲା ଭଳି ପ୍ରତୀୟମାନ। ବେକାରଙ୍କୁ ଚ଼ାକିରୀ ମିଳିଲେ ଯୁବ ସମାଜ ଉପକୃତ ହେବେ। ଦୁର୍ନୀତି, ହିଂସା, ଦରବୃଦ୍ଧି ଓ କଳାବଜାରୀରେ ହ୍ରାସ ଘଟିଲେ ଜନସାଧାରଣଙ୍କ ମଙ୍ଗଳ ହେବ। ନାରୀ ନିର୍ଯାତନା ହ୍ରାସ ହେଲେ ମାତୃଜାତିର ସମ୍ମାନ ଅକ୍ଷୁର୍ଣ୍ଣ ରହିବ। ହେଲେ ଦେଶର ନାମ ପରିବର୍ତ୍ତନ ହେଲେ, ଏସବୁ କ'ଣ ଦୂରୀକରଣ ହେଇପାରିବ ? ଦେଶର ଉନ୍ନତି ପାଇଁ ଅନେକ ଜରୁରୀ ପ୍ରସଙ୍ଗ ଉପରେ ଆଲୋଚ଼ନା ପର୍ଯ୍ୟାଲୋଚ଼ନା କରି ନିଷ୍ପତ୍ତି ନେବାର ଥିଲା ବେଳେ ଦେଶର ନାମ ପରିବର୍ତ୍ତନ ଅପ୍ରାସଙ୍ଗିକ ବୋଲି ଅନେକ ବୁଦ୍ଧିଜୀବିଙ୍କର ମତ। ଦେଶର ନାମ ପରିବର୍ତ୍ତନ ଅସମ୍ଭବ ନହେଲେ ମଧ୍ୟ ସହଜସାଧ୍ୟ ନୁହେଁ। ଏଥିପାଇଁ ବିଧିବଦ୍ଧ ସମ୍ବିଧାନ ସଂଶୋଧନ ଆବଶ୍ୟକ। ସମ୍ବିଧାନ ସଂଶୋଧନ ପରେ ଦେଶରେ ଓ ଦେଶ ବାହାରେ ଯେଉଁଠି ସବୁ 'ଇଣ୍ଡିଆ' ନାମ ରହିଛି ତାକୁ 'ଭାରତ'କୁ ପରିବର୍ତ୍ତନ କରିବା ସହ ସମସ୍ତ ନାମ ଫଳକ, ବିଭିନ୍ନ ଫର୍ମ ଓ ଆବେଦନ ପତ୍ର, ୱେବସାଇଟ ଇତ୍ୟାଦିକୁ ସର୍ବଭାରତୀୟ ସ୍ତରରୁ ଗାଁଗଣ୍ଡା ପର୍ଯ୍ୟନ୍ତ ବଦଳେଇବାକୁ ପଡିବ। ଇଣ୍ଡିଆ ନାମ ଥାଇ ନାଗରିକଙ୍କ ସମସ୍ତ ଦରକାରୀ କାଗଜପତ୍ର ଯଥା ପାସପୋର୍ଟ, ଆଧାର, ପ୍ୟାନ ଓ ଭୋଟର କାର୍ଡ ଇତ୍ୟାଦି, ଭାରତର ଗର୍ବ ଇଣ୍ଡିଆନ ଆର୍ମି, ନେଭି, ଏୟାର ଫୋର୍ସର ନାମ ସହ ଟିମ ଇଣ୍ଡିଆ, ଇଣ୍ଡିଆ ଗେଟ, ବିସିସିଆଇ, ଆଇପିଏଲ, ଇଣ୍ଡିଆନ ଅଏଲ ଏବଂ ସମସ୍ତ ସରକାରୀ ଅନୁଷ୍ଠାନ ଯଥା ଇଣ୍ଡିଆନ ରେଲୱେ, ଇଣ୍ଡିଆ ପୋଷ୍ଟ, ଆଇଆଇଟି, ଆଇଆଇଏମ, ଏମ୍ସ, ଆରବିଆଇ, ସିବିଆଇ, ଇସିଆଇ, ଇସ୍ରୋ, ଇତ୍ୟାଦି, ଏସବିଆଇ ଓ ଏଲଆଇସି ଭଳି ଇଣ୍ଡିଆ ନାମ ଥାଇ ସମସ୍ତ ବ୍ୟାଙ୍କ ଓ ରାଷ୍ଟ୍ରାୟତ ଉଦ୍ୟୋଗ, ଅନେକ ଯୋଜନା ଯଥା ସ୍କିଲ ଇଣ୍ଡିଆ, ଷ୍ଟାର୍ଟ ଅପ ଇଣ୍ଡିଆ, ମେକ ଇନ ଇଣ୍ଡିଆ, ଖେଲୋ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଇତ୍ୟାଦି, ଅନେକ ପଦପଦବୀର ନାମ ଯଥା ଆଇଏଏସ, ଆଇପିଏସ, ଆଇଏଫଏସ ଇତ୍ୟାଦି ସବୁ ବଦଳିବ। ଅନ୍ୟୂନ ୧.୩୦ କୋଟି ଆଧାର କାର୍ଡ, ୬୧ କୋଟି ପ୍ୟାନ କାର୍ଡ, ୨୦ କୋଟି ଡ୍ରାଇଭିଂ ଲାଇସେନ୍ସ, ୧୦ କୋଟି ପାସପୋର୍ଟ, ବର୍ତ୍ତମାନ ପ୍ରଚ଼ଳିତ ସମସ୍ତ ନୋଟ ଓ ସବୁ ଭୋଟରଙ୍କ ଭୋଟ ପରିଚ଼ୟ ପତ୍ରରେ ଥିବା 'ଇଣ୍ଡିଆ'ର ନାଁ ବଦଳି 'ଭାରତ' ହେବ। ନୂଆକରି ଆରମ୍ଭ ହୋଇଥିବା ହାଇ ସିକୁରିଟି ନମ୍ବର ପ୍ଲେଟ ବଦଳାଇବା ପାଇଁ ଉପଭୋକ୍ତାଙ୍କ ଅର୍ଥରେ ପୁଣି ଏକ ସ୍ୱତନ୍ତ୍ର ଡ୍ରାଇଭ ଚ଼ାଲିବାର ସମ୍ଭାବନା। ଦେଶର ନାମ ପରିବର୍ତ୍ତନ ସହ ଏହିଭଳି ଅନେକ କିଛି ପରିବର୍ତ୍ତନ ଏକ ବାଧ୍ୟବାଧକତା। ଏକ ଜାତୀୟ ନ୍ୟୁଜ ଚ଼ାନେଲର ପ୍ରାରମ୍ଭିକ ସର୍ବ ?କ୍ଷଣ ଅନୁଯାୟୀ ଏସବୁ ବଦଳାବଦଳି କାମରେ ସରକାରଙ୍କର ଅନ୍ୟୁନ୍ୟ ୧୪ ହଜାର କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହେବ। ଏତଦଭିନ୍ନ, ନାଗରିକମାନଙ୍କର ଧାଡିରେ ଛିଡାହେଇ କିମ୍ବା ଅନଲାଇନରେ ସବୁ କାର୍ଡର ପରିବର୍ତ୍ତନ ପାଇଁ ଯେଉଁ ଅର୍ଥହାନୀ ଓ ପ୍ରାଣପିଡା ହେବ, ଅଧାରୁ ଅଧିକ ପଦବୀ ଖାଲି ପଡିଥିବା ସଂପୃକ୍ତ କାର୍ଯ୍ୟାଳୟମାନଙ୍କରେ ଯେଉଁ ଅଧିକ କାମର ଚ଼ାପ ସୃଷ୍ଟି ହେବ, ସବୁକୁ ଶୃଙ୍ଖଳିତ କରିବାକୁ ଯେଉଁ ସମୟ ଆବଶ୍ୟକ ହେବ, ସେସବୁର ହିସାବ ଅଲଗା। ବିମୂଦ୍ରୀକରଣ ସମୟର ହଲାପଟା ଏ ଯାଏଁ ମନରୁ ଲିଭିନାହିଁ। ତେଣୁ ଏ ନାମ ପରିବର୍ତ୍ତନ ପ୍ରସଙ୍ଗ ସରକାରଙ୍କର ଏକ ଅଯଥା ଜିଦି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଶାସକ ଓ ବିରୋଧୀଙ୍କ ଏଭଳି ଆଭ୍ୟନ୍ତରୀଣ ବାଦବିବାଦରୁ ଦେଶର ପ୍ରଗତି ସୁନିଶ୍ଚିତ ବାଧାପ୍ରାପ୍ତ ହେବା ସହ ପଡୋଶୀ ରାଷ୍ଟ୍ରମାନେ ଯେ ଏଥିରୁ ଫାଇଦା ନଉଠେଇବେ, କିଏ କହିବ। ଦେଶ ବିଭାଜନ ସମୟରେ ମଧ୍ୟ 'ଇଣ୍ଡିଆ' ନାମକୁ ନେଇ ମୁସଲିମଲିଗ ତରଫରୁ ବିରୋଧାଭାସ ସୃଷ୍ଟି ହୋଇଥିଲା। ସ୍ୱାଧୀନତାର ୭୬ ବର୍ଷ ପରେ ପୁଣି ସେଇ କନ୍ଦଳକୁ ଉଜାଗର କରି 'ଆ ବଳଦ, ମତେ ବିନ୍ଧ' ଭଳି ଭାରତ ନିଜ ପ୍ରତି ବିପଦ ସୃଷ୍ଟି କରୁନାହିଁ ତ ! ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ-୧ର ଚ଼ିଠା ପ୍ରସ୍ତାବ ୧୮ ସେପ୍ଟେମ୍ବର ୧୯୪୯ରେ ଗୃହିତ ହୋଇଥିଲା ଏବଂ ଯାହା ଅନୁମେୟ, ଦୀର୍ଘ ଦିନର ସଂସଦୀୟ ପରମ୍ପରାକୁ ଭଙ୍ଗ କରି ୧୮ରୁ ୨୨ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ଧାର୍ଯ୍ୟ ସଂସଦର ପ୍ରାକ ସୂଚ଼ନାବିହୀନ ସ୍ୱତନ୍ତ୍ର ଅଧିବେଶନରେ ଏ ପ୍ରସଙ୍ଗରେ ବିଧେୟକ ଆଗତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସ୍ୱତନ୍ତ୍ର ଅଧିବେଶନ ବସୁ, କିଛି ଅସୁବିଧା ନାହିଁ। ହେଲେ ଆଗୁଆ କାର୍ଯ୍ୟସୂଚ଼ୀ ଦେଇ ଦେଶର ସାମ୍ପ୍ରତିକ ପରିସ୍ଥିତି ଓ ସମସ୍ୟା ବିଷୟରେ ଆଲୋଚ଼ନା ହେଉ। ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଅଣଦେଖା କରି ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆନଯାଉ। 'ଇଣ୍ଡିଆ' ମେଣ୍ଟର ନେତାମାନଙ୍କର ମତ ଅନୁଯାୟୀ ଏବେ ଯଦି ମେଣ୍ଟର ନାଁ ବଦଳେଇ 'ଭାରତ' (ଈଐଇଜଇଞ ଅର୍ଥାତ ଆଲିଆନ୍ସ ଫର୍ ବେଟରମେଣ୍ଟ, ହାରମୋନି ଆଣ୍ଡ ରେସ୍ପନସିବୁଲ ଆଡଭାନ୍ସମେଣ୍ଟ ଫର୍ ଟୁମରଓ) ରଖାଯାଏ, ତେବେ ବିଜେପି ଆଗରେ କି ବିକଳ୍ପ ରହିବ ? ଦେଶର ନାମ ପରିବର୍ତ୍ତନ ଏକ ରାଜନୈତିକ ନାରାବାଜି ମାତ୍ର। ଏଥିରେ ସାଧାରଣ ନାଗରିକର ତ କୌଣସି ଲାଭ ନାହିଁ, ବରଂ ଦେଶ ଏକ ଅଯଥା ଆର୍ଥିକ ବୋଝର ସମ୍ମୁଖୀନ ହେବ। ଆଗରେ ସାଧାରଣ ନିର୍ବାଚ଼ନ। ଅଯଥା ଏ ନାମ ପରିବର୍ତ୍ତନ ରାଜନୀତିରେ ନମାତି, ୨୦୧୯ ନିର୍ବାଚ଼ନ ପୂର୍ବରୁ ନିଜର ନିର୍ବାଚ଼ନୀ ଇସ୍ତାହାରରେ ଦେଇଥିବା ଦୁର୍ନୀତି, ଗରିବୀ, କଳାବଜାରୀ, ବେରୋଜଗାରୀ, ଦରବୃଦ୍ଧି, ଆତଙ୍କବାଦ, ସାମ୍ପ୍ରଦାୟିକତା ଇତ୍ୟାଦି ରୋକିବାରେ ଏବଂ ଗରିବ ଖଟିଖିଆଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି, ବାସଗୃହ ଇତ୍ୟାଦି ଯୋଗାଇଦେବାରେ କେତେଦୂର ସଫଳ ହେଇଛନ୍ତି, ସରକାର ବର୍ତ୍ତମାନ ସେସବୁର ଆତ୍ମସମୀକ୍ଷା କରନ୍ତୁ। ବିଫଳତାର କାରଣ ଖୋଜି ଦେଶକୁ ପ୍ରଗତିପଥେ ଆଗେଇ ନିଅନ୍ତୁ। ଜବରଦସ୍ତ ଏକ ବିଲ୍ ଆଗତକରି ନୁହେଁ, ବରଂ ବିରୋଧୀଦଳମାନଙ୍କୁ ବିଶ୍ୱାସକୁ ନେଇ ସର୍ବଦଳୀୟ ବୈଠକ ଜରିଆରେ ଏକ ବିକଳ୍ପ ବାତାବରଣ ସୃଷ୍ଟି କରି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚ଼ନା କଲେ, ଏ ନାମ ପରିବର୍ତ୍ତନ ପ୍ରସଙ୍ଗକୁ ସହଜରେ ଏଡାଇଦେଇ ହେବ। ସମ୍ବିଧାନ ସର୍ବୋପରି। ଦଳମତ ନିର୍ବିଶେଷରେ ଉଭୟ ଭାରତ ଓ ଇଣ୍ଡିଆର ପ୍ରଗତି ଓ ସୁନାମ ସଭିଙ୍କର ଧେୟ ହେବା ଉଚ଼ିତ।

*ସାଧାରଣ ସମ୍ପାଦକ*
*କେନ୍ଦ୍ର ସରକାରୀ କର୍ମଚ଼ାରୀ ଓ ଶ୍ରମିକପରିସଂଘ*
*ଓଡିଶା ରାଜ୍ୟ ସମନ୍ୱୟ ସମିତି, ଭୁବନେଶ୍ୱର*
*ମୋବାଇଲ : ୯୪୩୭୦୨୨୬୬୯*

# ଓଡ଼ିଶାରେ ଗୋ ସୁରକ୍ଷା ଧର୍ମକୁ ଆଖିଠାର



ପ୍ରଦୀପ୍ତ କୁମାର ଜେନା

ବିଶ୍ୱନିୟନ୍ତା ଭଗବାନ ବିଶ୍ୱ ବ୍ରହ୍ମାଣ୍ଡରେ ଚାରିଖାନି ଜୀବ ସୃଷ୍ଟି କରିଛନ୍ତି । ଯଥା– ଅଣ୍ଡଜ, ଜରାୟୁଜ, ଉଦ୍ଭିଦଜ, ଏବଂ ସ୍ୱେଦଜ । ମଣିଷ, ଗୋମାତା ସମେତ ଅନେକ ପ୍ରାଣୀମାନଙ୍କୁ ଜରାୟୁଜ କୁହାଯାଏ । କାରଣ ସେମାନେ ମାତୃଗର୍ଭରୁ ସିଧା ଭୂମିଷ୍ଠ ହୋଇଥା'ନ୍ତି। ଦେବତା ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନରୁ ଯେଉଁ ରତ୍ନ ମିଳିଥିଲା ତନ୍ମଧ୍ୟରୁ ସୁରଭି କାମଧେନୁ ଅନ୍ୟତମ ରତ୍ନ ଯାହାକି ବଶିଷ୍ଟ ଆଦିରୁଷି ମାନଙ୍କୁ ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରାଣୀଜଗତ ମଧ୍ୟରେ ଗୋମାତାଙ୍କ ସୃଷ୍ଟି ଭଗବାନଙ୍କ ଏକ ଅନବଦ୍ୟ ଅବଦାନ । ସନାତନ ସଂସ୍କୃତିରେ ଓ ତା'ର ମୂଳ ଗ୍ରନ୍ଥ ବେଦ ଉପନିଷଦରେ ଗୋମାତାଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ରଗ ବେଦରେ ଉଲ୍ଲେଖ ଅଛି ଯେ–

"ମାତା ରୁଦ୍ରାଣାଂ ଦୁହିତା ବସୁନାଂ
ସ୍ୱସାଂଦିତ୍ୟାନାମମୃତସ୍ୟ ନାଭିଃ
।
ପ୍ର ନୁ ବୋଚଂ ଚିକିତୁଷେ ଜନାୟ
ମା' ଗାମନାଗାମଦିତି ବଧିଷ୍ଟ।"
(ଋଗ୍ ୮:୧୦୧:୧୫)

ଅର୍ଥାତ ଗାଈ ହେଉଛି ରୁଦ୍ରଙ୍କ ମାତା, ବସୁଙ୍କ କନ୍ୟା, ଆର୍ଯ୍ୟ ମାନଙ୍କ ଭଉଣୀ ଏବଂ ଅମୃତର ନାଭି । ଏହି ଅଦିତି ସ୍ୱରୂପ ଗାଈକୁ କେହି ହତ୍ୟା କରନାହିଁ। ବେଦ କୁହନ୍ତି ଗାଈ ସହିତ ମାତା, ଭଉଣୀ ଓ କନ୍ୟାଙ୍କ ପରି ଗଭୀର ପ୍ରେମ ଭାବ ରଖିବା ଉଚିତ । ଆମ ସନାତନ ସଂସ୍କୃତିରେ ଗାଈକୁ ମାତା ବୋଲି ସମ୍ବୋଧନ କରାଯାଇଛି । କରଣ ଗାଈ ହିଁ ମାତାର ବିକଳ୍ପ । ମା' ଯେଭଳି ସ୍ତନ୍ୟ ପାନ କରାଇ ସନ୍ତାନକୁ ବଢ଼ାଇ ଥାଏ, ଠିକ୍ ଗୋମାତାର କ୍ଷୀର ଖାଇ ସନ୍ତାନଟି ମଧ୍ୟ ଜୀବନ ଧାରଣ କରିଥାଏ। ଅଥର୍ବ ବେଦ କହନ୍ତି–ଗୋ ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡ ଦେବ ଉଚିତ। ରଗ୍ ବେଦରେ ଗୋମାତାର ନାମ ୭୨୩ ଥର ଉଲ୍ଲେଖ ଥିବା ବେଳେ ଅଥର୍ବ ବେଦରେ ୩୩୧ ଥର, ସାମ ବେଦରେ ୧୭୦ ଥର ଏବଂ ଯଜୁର୍ବେଦରେ ୮୭ ଥର ଉଚ୍ଚାରଣ କରାଯାଇଛି । ଗାଈର ଶରୀରରେ ତ୍ରେତିଶ କୋଟି ଦେବାଦେବୀ ବାସ କରନ୍ତି ବୋଲି ଅଥର୍ବ ବେଦରେ ଉଲ୍ଲେଖ ଅଛି। ବ୍ରହ୍ମା, ବିଷ୍ଣୁ ଓ ଶଙ୍କର କାମଧେନୁକୁ ଉଚ୍ଚ ପ୍ରଶଂସା କରିଛନ୍ତି ବୋଲି ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି। ଗାଈର କ୍ଷୀର ଅମୃତ ସମାନ। ଗାଈର ଗୋବର ମଳ ନୁହେଁ ମଳ ବିଶୋଧକ, ମୂତ୍ର ମୂତ୍ର ନୁହେଁ ମହୋଷ୍ୱଧୀ । ଗାଈର ମୂତ୍ର ଅନେକ ଦୁରାରୋଗ୍ୟ ରୋଗକୁ ଭଲ କରିଥାଏ । କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ଗୋ ସଂରକ୍ଷଣ ଓ ପାଳନ ଉପରେ ଗୋ ଅଧ୍ୟକ୍ଷର ଏକ ସ୍ୱତନ୍ତ୍ର ପ୍ରକରଣରେ ସେ ଲେଖିଛନ୍ତି, ଗାଈକୁ ଯେ ମାରେ କିମ୍ବା ମରାଏ, ଗାଈକୁ ଯେ ଚୋରି କରେ କିମ୍ବା କରାଏ ସେମାନେ ପ୍ରାଣଦଣ୍ଡର ଅଧିକାରୀ । ଯଜୁର୍ବେଦରେ କୁହାଯାଇଛି 'ଗୋସ୍ତୁ ମାତ୍ରା ନ ବିଦ୍ୟତେ' ଅର୍ଥାତ ଗାଈ ଏତେ ମହତ୍ୱପୂର୍ଣ୍ଣ ପଶୁ ଯାହାର ତୁଳନା କରାଯାଇପାରେନାହିଁ। ଗାଈ ଏକ ମାତ୍ର ପଶୁ ଯେକି ନିଃଶ୍ୱାସରେ ଅମ୍ଳଜାନ ନେଇଥାଏ ଓ ପ୍ରଶ୍ୱାସରେ ଅମ୍ଳଜାନ ଦେଇଥାଏ । ଗାଈର ମୂତ୍ର, ମଳ, କ୍ଷୀର ସବୁକିଛି ମାନବ ସମାଜ ପାଇଁ ଉପଯୋଗୀ। ଗୋମୟ ଘରେ ଲେପନ କଲେ ରେଡ଼ିଏସନକୁ ପ୍ରତିହତ କରେ। ଆଜି ନରରୂପୀ ରାକ୍ଷସ ସେହି ନିରୀହ ସୁଠାର ପଶୁଟିକୁ ହତ୍ୟା କରି ତା'ର ମାଂସ ଭକ୍ଷଣ କରୁଛି। ଅତ୍ୟନ୍ତ ନିର୍ଦ୍ଦୟ ଭାବରେ ତା' ଉପରେ ଗରମ ପାଣି ଢାଳି ଯନ୍ତ୍ର ସାହାଯ୍ୟରେ ସେମାନଙ୍କୁ କାଟିଦିଆଯାଉଛି। ଗୋ ମାଫିଆମାନେ ଅତି ଅମାନୁଷିକ ଭାବରେ ଟ୍ରକ ଓ କଣ୍ଟେନର ସାହାଯ୍ୟରେ ଗୋବଂଶ ମାନଙ୍କୁ ସ୍ଥାନାନ୍ତରିତ କରିଥା'ନ୍ତି । ରାସ୍ତାରେ ଯିବା ସମୟରେ ଶ୍ୱାସରୁଦ୍ଧ ହୋଇ କିଛି ଗୋବଂଶ ମାନଙ୍କ ମୃତ୍ୟୁ ହୋଇଯାଇଥାଏ । ଗୋ ବଂଶକୁ ସୁରକ୍ଷା ଦେବା ପାଇଁ ଅବୈଧ ଗୋଚାଲାଣକୁ ପ୍ରତିରୋଧ କରିବା ଓ ରାଜ୍ୟରେ ଗୋ ହତ୍ୟାକୁ ବନ୍ଦ କରିବା ପାଇଁ ଆମ ପ୍ରଦେଶରେ ଦୁଇଟି କାନୁନ ଯଥା ଝଷର କ୍ଟକ୍ସସସ୍ଥସ୍ଥବ କ୍ଟ୍ରକ୍ସରଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ଟଙ୍ଗ ସ୍ଥକ୍ଷବଙ୍କଶଷସ୍ଥରକ୍ସ ବମସ୍ଥ ୧୯୬୦ (ଝସ୍ଥବସ୍ଥର ଇମସ୍ଥ ) ଏବଂ ଝଷର ଚକ୍ସର– ଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ସଙ୍କରକ୍ଷସସ୍ଥଚ୍ଛ ସ୍ଥକ୍ଟ ଇଭସଙ୍କବକ୍ଷସ୍ଥ ଇମସ୍ଥ ୧୯୬୦ (ଉରଭ- ସ୍ଥକ୍ସବକ୍ଷ ଇମସ୍ଥ) କାର୍ଯ୍ୟକାରୀ ହେଉଅଛି । ଓଡିଶା ଗୋ ହତ୍ୟା ନିଷେଧ ଆଇନିରେ ଅଧିକତମ ସଜା ଦୁଇ ବର୍ଷ ଓ ଏକ ହଜାର ଟଙ୍କା ଜୋରିମାନାର ପ୍ରବଧାନ ଥିବାବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ଆଇନ୍‌ରେ ପ୍ରଥମଥର ଦୋଷୀ ସାବ୍ୟସ୍ତ ହେଲେ ୧୦ ଟଙ୍କାରୁ ୫୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ପ୍ରବଧାନ ଅଛି। ଯଦି ଜଣେ ବ୍ୟକ୍ତି ପ୍ରଥମଥର ଦୋଷୀ ସାବ୍ୟସ୍ତ ହେଲାପରେ ତିନି ବର୍ଷ ଭିତରେ ପୁଣି ସମାନ ଅପରାଧ କରେ ତାହେଲେ ସେ ବ୍ୟକ୍ତିକୁ ତିନି ମାସ ସଜା ଓ ୧୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ । ଆମଦେଶରେ ଅବୈଧ ଗୋଚାଲାଣ ହତ୍ୟା ଉଦେଶ୍ୟରେ କରାଯାଉଛି । ପୋଲିସର ନଜରକୁ ଆସିଲେ ପୋଲିସ ଗାଡି ଓ ଗୋବଂଶକୁ ଜବତ କରି ୧୧ୟ, କ୍ଟକ୍ସର– ଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ସଙ୍କରକ୍ଷସସ୍ଥଚ୍ଛ ସ୍ଥକ୍ଟ ଇଭସଙ୍କବକ୍ଷସ୍ଥ ବମସ୍ଥ ଏବଂ ୭ କ୍ଟଲ କ୍ଟୟସସ୍ଥବ କ୍ଟକ୍ସରଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ଟଙ୍ଗ ସ୍ଥକ୍ଷବଙ୍କଶଷସ୍ଥରକ୍ସ ବମସ୍ଥ ସହିତ ସକ୍ଟମର ଦଫା ୪୨୮,୪୨୯ ଲଗାଇ କୋର୍ଟକୁ ଚାଲଣ କରୁଛନ୍ତି । ସମସ୍ତ ଦଫା ଜାମିନି ଯୋଗ୍ୟ ହୋଇଥିବାରୁ ଓ ସଜା ବହୁତ କମ୍ ଥିବାରୁ କୋର୍ଟ ଦୋଷୀମାନଙ୍କୁ ତୁରନ୍ତ ରିହା କରିଦେଉଛି । ଝଷର ଙ୍କସସ୍ଥସ୍ଥବ କ୍ଟକ୍ସରଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ଟଙ୍ଗ ସ୍ଥକ୍ଷବଙ୍କଶଷସ୍ଥରକ୍ସ ଇମସ୍ଥ ଓ କ୍ଟକ୍ସର– ଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ସଙ୍କରକ୍ଷସ୍ଥଚ୍ଛ ସ୍ଥକ୍ଟ ଇଭସଙ୍କବକ୍ଷସ୍ଥ ଇମସ୍ଥ ଦୁଇଟିଯାକ ଅଇନି ଧର୍ତ୍ତବ୍ୟ ଅପରାଧ ନୁହେଁ । ପୋଲିସ ଓଟଉର ଧାରା ୪୨୮/୪୨୯କୁ ଯେକି ଧର୍ତ୍ତବ୍ୟ ଅପରାଧ, ତାକୁ ସାମିଲ୍ କରି ଦୋଷୀକୁ ଗିରଫ କରିବାକୁ ସକ୍ଷମ ହୋଇ ଥାଏ । ଦେଶରେ କୋହଳ ଅଇନି ଥିବାରୁ ଗୋ ମାଫିଆ ମାନଙ୍କ ବିରୁଦ୍ଧରେ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇପାରେନାହିଁ । କ୍ଟକ୍ସରଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ସଙ୍କରକ୍ଷସସ୍ଥଚ୍ଛ ସ୍ଥକ୍ଟ ଇଭସଙ୍କବକ୍ଷସ୍ଥ ଇମସ୍ଥର ସଂଶୋଧନ ପାଇଁ ଏକ ଡ୍ରାଫ୍ଟ ବିଲ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ସାଧାରଣ ଲୋକଙ୍କ ମତାମତ ପାଇଁ ରଖାଯାଇଛି ଯେଉଁଥିରେ ଏକବର୍ଷ ରୁ ତିନି ବର୍ଷ ପର୍ଯ୍ୟନ୍ତ ସଜାର ପ୍ରାବଧାନ ଥିବା ବେଳେ ୫୦ ରୁ ୭୫ ହଜାର ଟଙ୍କାର ଜୋରିମାନାର ପ୍ରାବଧାନ କରାଯାଇଛି ଓ ଗୋ ହତ୍ୟା ପାଇଁ ପାଞ୍ଚ ବର୍ଷର ସଜାର ପ୍ରାବଧାନ କରାଯାଇଛି । ଏହି ଡ୍ରାଫ୍ଟ ବିଲ୍‌ଟି ଆଇନ୍‌ରେ ପରିଣତ ହୋଇପାରିଲେ ଗୋ ସୁରକ୍ଷା ଅନେକାଂଶରେ ସଫଳ ହୋଇ ପାରିବ ବୋଲି ଆଶା କରାଯାଏ । ପ୍ରାଣୀ ସୁରକ୍ଷା ସମ୍ବିଧାନର ମକ୍ଟଭମଙ୍କକ୍ସରଭସ୍ଥ ଲିଷ୍ଟ ର ୧୭ ନମ୍ବର ଆଇଟମ୍‌ରେ ଥିବାରୁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ତା' ଉପରେ ଅଇନି ପ୍ରଣୟନ କରିପାରିବେ । ଓଡିଶା ସରକାର ଚାହିଁଲେ ସ୍ଥଷର କ୍ଟକ୍ସର– ଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ସଙ୍କରକ୍ଷସ୍ଥଚ୍ଛ ସ୍ଥକ୍ଟ ଇଭସଙ୍କବକ୍ଷସ୍ଥ ବମସ୍ଥ ଓଡ଼ିଶା ବିଧାନସଭାରେ ପାରିତ କରି ପାରିବେ । ଯେତେବେଳେ କେନ୍ଦ୍ର ସରକାର ତା' ଉପରେ ଏକ ଅଇନି ଆଣିଛନ୍ତି ଓ ସେହି ପ୍ରଚଳିତ ଅଇନିକୁ ସଂଶୋଧନ କରିବାକୁ ତତ୍ପରତା ପ୍ରକାଶ କରୁଛନ୍ତି ରାଜ୍ୟ ତା' ଉପରେ ଏକ ସଶକ୍ତ ଆଇନ୍ ଆଣିବାର କିଛି ଆବଶ୍ୟକତା ନାହିଁ । ଇତି ମଧ୍ୟରେ ଝଷର ଚକ୍ସରଙ୍ଗରଭସ୍ଥସକ୍ଟଭ କ୍ଟଲ ମକ୍ଟଙ୍ଗ ସ୍ଥକ୍ଷବଙ୍କଶଷସ୍ଥରକ୍ସ ଇମସ୍ଥକୁ ସଂଶୋଧନ କରି ଗୁଜୁରାଟ ସରକାର ୧୦ ବର୍ଷରୁ ୧୪ ବର୍ଷ ସଜା ଓ ଏକ ଲକ୍ଷରୁ ପଞ୍ଚ ଲକ୍ଷ ଜୋରିମାନାର ପ୍ରାବଧାନ କରିଛନ୍ତି । ଠିକ୍ ସେଇଭଳି କର୍ଣ୍ଣାଟକ ସରକାରଙ୍କ ଗୋ ସୁରକ୍ଷା ଆଇନିରେ ତିନି ବର୍ଷରୁ ପଞ୍ଚ ବର୍ଷ ଓ ୫୦ ହଜାରରୁ ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ଜୋରିମାନାର ପ୍ରାବଧାନ କରିଛନ୍ତି । ଭାରତର ଅନେକ ପ୍ରଦେଶରେ ଗୋହତ୍ୟା ନିଷେଧ ଆଇନ୍ ସଂଶୋଧନ କରାଯାଇ ଅଧିକ ସଜାର ପ୍ରାବଧାନ କରାଯାଇଛି । ଭାରତର ଅନେକ ପ୍ରଦେଶରେ କଂସେଇଖାନା ରହିଛି ଯେଉଁଠି ଗାଈ, ବଳଦ, ଷଣ୍ଢ, ବାଛୁରୀ, ମଇଁଷି ଆଦି ଗୃହପାଳିତ ପଶୁମାନଙ୍କୁ ହତ୍ୟା କରାଯାଇ ତା'ର ମାଂସକୁ ବଜାରରେ ବିକ୍ରୟ କରାଯାଉଛି ଓ ବିଦେଶକୁ ରପ୍ତାନି କରାଯାଉଛି । ସରକାରୀ ତଥ୍ୟରୁ ଜଣାଯାଏ ଯେ ଭାରତରେ ୧,୬୨୩ରୁ ଅଧିକ ପଞ୍ଜିକୃତ କଂସେଇଖାନା ଥିବା ବେଳେ ଅଣପଞ୍ଜିକୃତ ଭାବେ ହଜାର ହଜାର କଂସେଇଖାନା ଭିଭିନ୍ନ ରାଜ୍ୟରେ ରହିଛି । ଓଡ଼ିଶାରେ ଗୋଟିଏ ହେଲେ ପଞ୍ଜିକୃତ କଂସେଇଖାନା ନାହିଁ । କିନ୍ତୁ ଅଣ ପଞ୍ଜିକୃତ କଂସେଇଖାନାର ଅଭାବ ନାହିଁ । ଏପରିକି ଥିଲାବାଲା ଲୋକ ନିଜ ଘରେ ଗୋହତ୍ୟା କରି ମାଂସ ଭକ୍ଷଣ କରୁଛନ୍ତି । ଯେଉଁ ରାଜ୍ୟରେ ଗୋ ହତ୍ୟା ନିଷେଧ ଅଛି ତାହା କେବଳ କାଗଜପତ୍ରରେ ସୀମିତ । ବାସ୍ତବରେ ଗୋହତ୍ୟା ତା' ବାଟରେ ଚାଲିଛି । ପ୍ରଶାସନର ସେଥିପ୍ରତି ନଜର ନାହିଁ ।

ଗୋମାଂସ ରପ୍ତାନି କରିବାରେ ବ୍ରାଜିଲ ପୃଥିବୀରେ ପ୍ରଥମ ସ୍ଥାନରେ ଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ପରିସଂଖ୍ୟାନରୁ ଜଣାଯାଏ ପ୍ରତ୍ୟେକ ଦିନ ଏକ ଲକ୍ଷ ଗାଈ, ବାଛୁରୀ, ବଳଦ, ମଇଁଷି ଆଦି ନିରୀହ ଗୃହପାଳିତ ପଶୁ ହତ୍ୟା କରାଯାଇ ମାଂସ ରପ୍ତାନି କରାଯାଇ ମୋଟା ଅଙ୍କରେ ବୈଦେଶିକ ମୁଦ୍ରା ଅର୍ଜନ କରାଯାଉଛି । ଭାରତରେ ୧୫୦ରୁ ଅଧିକ କମ୍ପାନୀ ଗୋମାଂସ ରପ୍ତାନିରେ ସମ୍ପୃକ୍ତ ଅଛନ୍ତି । ବିଡମ୍ବନାର ବିଷୟ ଯେଉଁ ହିନ୍ଦୁ, ଜୈନ, ବୁଦ୍ଧ, ଶିଖମାନେ ଗାଈକୁ ମାତା ବୋଲି ପୂଜା କରନ୍ତି ଓ ଗୋ ହତ୍ୟାକୁ ବିରୋଧ କରନ୍ତି, ସେଇ ହିନ୍ଦୁମାନଙ୍କ ଭିତରୁ ଅନେକ ହିନ୍ଦୁ, ଜୈନ ଗୋମାଂସ ରପ୍ତାନିରେ ସମ୍ପୃକ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ କିଛି ପ୍ରମୁଖ ମାଂସ ରପ୍ତାନିକାରୀମାନଙ୍କ ନାମ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛି ଯଥା– କବଭସକ୍ସ ରଙ୍ଘକ୍ଟ୍ରକ୍ଟକ୍ସସ୍ଥ କ୍ଟ୍ରଙ୍ଗସ୍ଥ କ୍ଷସଙ୍କସସ୍ଥରୟ, ଗଙ୍କଙ୍କଭବସ, ଯାହାର ମାଲିକ ମିଷ୍ଟର ଅତୁଲ ଏବଂ ମିଷ୍ଟର ସତୀଶ ସଭରୱାଲ, ୨. ଇକ୍ସବଭସବଭ ରଙ୍ଘ- କ୍ଟ୍ରକ୍ଟକ୍ସସ୍ଥସ୍ଥ ଚଙ୍ଗସ୍ଥ ଖସଙ୍କସସ୍ଥରୟ, ଗଙ୍କଙ୍କଭବସ, ଯାହାର ମାଲିକ ସୁନୀଲ କାପୁର, ୩. ଗ.ଳ.ଜ. ରକ୍ସକ୍ଟଚ୍ଛରଭ ରକ୍ଟକ୍ଟୟ ରଙ୍ଘକ୍ଟ୍ରକ୍ଟକ୍ସସ୍ଥସ୍ଥ କ୍ଟ୍ରଙ୍ଗସ୍ଥ ଖସ୍ଥୟ. ଯାହର ମାଲିକ ମଦନ ଅବଟ୍, ଦିଲ୍ଲୀ ୪. ଚ. ଗ. ଓଭୟଙ୍କସ୍ଥସ୍ଥକ୍ସସରସ୍ଥ କ୍ଟ୍ରଙ୍ଗସ୍ଥ କ୍ଷସ୍ଥୟ, ଉଷବଭୟସଶବକ୍ସକ୍ଷ, ଯାହାର ମାଲିକ ଏ. ଏସ୍. ବିନ୍ଦ୍ରା ଭରରଲ ରଙ୍ଘକ୍ଟ୍ରକ୍ଟକ୍ସସ୍ଥରକ୍ସ ଅଛନ୍ତି । ଯଥା କଂସେଇଖାନାର ମାଲିକ ଗୋମାଂସା ରପ୍ତାନି କରି କୋଟି କୋଟି ଟଙ୍କା ଉପାର୍ଜନ କରୁଛନ୍ତି । କାଗଜ ପତ୍ରରେ କେବଳ ମଇଁଷିର ଭକ୍ଟଭର କ୍ଷରସ୍ଥସ୍ଥ ଙ୍କରସ୍ଥ ରପ୍ତାନିର ପ୍ରାବଧାନ ଥିବା ବେଳେ ବାସ୍ତବ କ୍ଷେତ୍ରରେ ଗାଈ, ବଳଦ, ବାଛୁରୀ ସମସ୍ତଙ୍କ ମାଂସ ରପ୍ତାନି କରାଯାଉଛି । ଭିଏତ୍‌ନାମ୍ ଭାରତରୁ ୫୦%ରୁ ଅଧିକ ଭରରଲ ଆମଦାନୀ କରୁଥିବା ବେଳେ ଇରାକ, ଫିଲିପାଇନସ୍, ଆଲ୍‌ଜେରିଆ ଭଳି ଦେଶ ଭାରତରୁ ଗୋମାଂସ ଆମଦାନୀ କରୁଛନ୍ତି । ଭାରତର ସମ୍ବିଧାନ ଉସକ୍ସରମ- ସ୍ଥସଙ୍ଗର ଚକ୍ସସଭମସକ୍ଟ୍ରକ୍ଷର କ୍ଟଲ ଝସ୍ଥବସ୍ଥର କ୍ଟ୍ରକ୍ଟକ୍ଷସମଚ୍ଛର ଧାରା ୪୮ ରେ ଉଲ୍ଲେଖ ଅଛି ଯେ କେନ୍ଦ୍ର ସରକାର ଗୋ ହତ୍ୟା ନିଷେଧ ଆଇନି ସଂସଦରେ ଆଣିପାରିବେ ନାହିଁ । ସମ୍ବିଧାନର ଧାରା ୨୪୬ ଗୋ ସମ୍ପଦର ସଂରକ୍ଷଣର ଦାୟୀତ୍ୱ ରାଜ୍ୟ ମାନଙ୍କ ଉପରେ ନ୍ୟସ୍ତ କରାଯାଇଛି । ରାଜ୍ୟମାନେ ଗୋ ସୁରକ୍ଷା ପାଇଁ ନିଜ ନିଜ ରାଜ୍ୟରେ ଅଇନି ଆଣିପାରିବେ । ଆମ ସମ୍ବିଧାନ ଗୋହତ୍ୟା ଆଇନ୍ ପାରିତ କରିବା ପାଇଁ ରାଜ୍ୟମାନଙ୍କ ହାତରେ ଛାଡିଦେଲେ ଭାରତ ବର୍ଷର ଅନେକ ରାଜ୍ୟ ଯଥା– ଓଡିଶା, ଛତିଶଗଡ, ଗୁଜୁରାଟ, ଜାମୁ କାଶ୍ମୀରୀ, ହରିୟାନା, ଦିଲ୍ଲୀ, ଉତ୍ତରପ୍ରଦେଶ, ଆସାମ, ମହାରାଷ୍ଟ, ରାଜସ୍ଥାନ, କର୍ଣ୍ଣାଟକ, ତାମିଲନାଡୁ ଭଳି ରାଜ୍ୟ ଗୁଡିକରେ ଗୋ ହତ୍ୟା ନିରୋଧ ଅଇନି ପାରିତ ହୋଇଛି । ଭାରତର ଅନେକ ଗୁଡିଏ ରାଜ୍ୟ ଯଥା–କେରଳ, ପଶ୍ଚିମବଙ୍ଗ, ଗୋଆ, ଅରୁଣାଞ୍ଚଳ ପ୍ରଦେଶ, ତ୍ରିପୁରା, ନାଗାଲାଣ୍ଡ, ଡାମନଡିୟୁ, ପଣ୍ଡିଚେରୀ, ହବେଲି, ଦାଦ୍ରା ଏବଂ ନଗର, ଗୋଆ, ସିକିମ, ମେଘାଳୟ, ମିଜୋରାମ, ଆଦି ରାଜ୍ୟ ଓ କେନ୍ଦ୍ରାଶାସିତ ଅଞ୍ଚଳରେ ଗୋହତ୍ୟା ଖୁଲମଖୁଲା ଚାଲୁଛି । ସେହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାର ତାଙ୍କ ରାଜ୍ୟରେ ଗୋହତ୍ୟା ନିଷେଧ ଆଇନି ଆଣିନାହାନ୍ତି । ଓଡ଼ିଶାରେ ୧୯୬୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାରେ ଗୋହତ୍ୟା ନିଷେଧ ଅଇନି ପାରିତ କରିଥିଲେ ଯାହାକି ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି । ବିଡମ୍ବନାର ବିଷୟ ଏହି ଆଇନ୍‌ରେ ସର୍ବାଧିକ ଦଣ୍ଡ ଦୁଇବର୍ଷ ଥିବା ବେଳେ ମାତ୍ର ଏକ ହଜାର ଟଙ୍କା ଜୋରିମାନାର ପ୍ରବଧାନ ରହିଛି । ଯାହାଫଳରେ ଗୋହତ୍ୟାକାରୀ ତଥା ଅବୈଧ ଗୋଚାଲାଣକାରୀ ମାନେ ଆଇନ୍‌ର ଫାଙ୍କ ଦେଇ ସହଜରେ ଖସି ଯାଉଛନ୍ତି । ଓଡ଼ିଶାରେ ଗାଈ, ବାଛୁରୀ, ବଳଦ, ଷଣ୍ଢକୁ ହତ୍ୟା କରାଯିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କିନ୍ତୁ ବଳଦ ଯେକି କାର୍ଯ୍ୟ କରିବାକୁ ଅକ୍ଷମ ଓ ଅଧିକୃତ ଅଧିକାରୀ ଦ୍ୱାର ହତ୍ୟା ପାଇଁ ଯୋଗ୍ୟ ବୋଲି ଘୋଷିତ ହେବା ପରେ ତାକୁ ହତ୍ୟା କରାଯାଇପାରିବ । ଓଡ଼ିଶାରେ କିଛି ହିନ୍ଦୁ ସଂଗଠନ ଅବୈଧ ଗୋ ଚାଲାଣ ବିରୁଧରେ କାମ କରୁଥିବା ଜଣାଯାଏ । ଗୋଚାଲାଣ ହେଉଥିବା ଟ୍ରକ ଓ କଣ୍ଟେନରକୁ ରାସ୍ତାରେ ଅଟକାଇ ପୋଲିସ ଜିମାରେ ଦେଉଛନ୍ତି । ଆଇନ ସମୟ ସମୟେ ସେହି ସଂଗଠନମାନେ ଅଇନି ହାତକୁ ନେବା ଅଭିଯୋଗରେ ସେମାନଙ୍କ ବିରୁଧରେ ମୋକଦମ ରୁଜୁ ହେଉଛି । ପୋଲିସ ପ୍ରଶାସନ ଯଦି ତା'ର କାର୍ଯ୍ୟ ସଠିକ ଭାବେ କରିପାରନ୍ତେ ହିନ୍ଦୁ ସଂଗଠନଗୁଡିକ ରାସ୍ତାକୁ ଯାଇ ଗୋଚାଲାଣ ବିରୁଧରେ କାମ କରିବାକୁ ପଡନ୍ତା ନାହିଁ । ଜଣେ ସାଧାରଣ ଲୋକ ମକ୍ସକ୍ଟ୍ରମ ୪୩ ଅନୁଯାୟୀ ତା' ସାମ୍ନାରେ ହଉଥିବା ଧର୍ତ୍ତବ୍ୟ ଅପରାଧ ଯାହାକି ନନ୍‌ବେଲେବୁଲ୍‌ର ଅପରାଧୀକୁ ଧରି ପୋଲିସର ଜିମା ଦେଇପାରିବ । ଗୋ ସୁରକ୍ଷା ଆଇନ୍ ନନ୍‌ବେଲେବୁଲ୍ ହୋଇନଥିବା କାରଣରୁ ଜଣେ ସାଧାରଣ ଲୋକ ଗୋ ତସ୍କର ମାନଙ୍କୁ ଯାଇ ଧରିବା ଆଇନ୍‌ସମ୍ମତ ନୁହେଁ । ଯେଉଁ ହିନ୍ଦୁ ସଂଗଠନମାନେ ଏ ଭଳି କାର୍ଯ୍ୟରେ ଲିପ୍ତ ଅଛନ୍ତି ସେମାନେ ସଚେତନ ହେବା ଉଚିତ । ଭାରତର ଅନ୍ୟ ପ୍ରଦେଶରେ ଥିବା ଗୋହତ୍ୟା ନିରୋଧ ଆଇନ୍‌ରେ ଅଧିକ ସଜା ଓ ଜୋରିମାନାରା ପ୍ରାବଧାନ ଥିବା ହେତୁ ଗୋ ମାଫିଆ ମାନଙ୍କ ବିରୁଧରେ ଉପଯୁକ୍ତ ଦଣ୍ଡ ବିଧାନ ହୋଇପାରୁଛି । ଓଡ଼ିଶାରେ ଅଇନି କୋହଳ ଥିବାରୁ ଗୋ ତସ୍କରମାନେ ଓଡ଼ିଶାରେ ଗୋ ଚାଲାଣ ଓ ଗୋହତ୍ୟାରେ ଅଧିକ ସକ୍ରିୟ ଅଛନ୍ତି । ଦୁଃଖ ଓ ପରିତାପର ବିଷୟ ଓଡ଼ିଶାରେ ଅଇନି ଅଛି ସତ; ହେଲେ ତାହା ଆଦୌ କାର୍ଯ୍ୟକାରୀ ହେଉନାହିଁ । ଖୁଲମ୍‌ଖୁଲା ଗୋ ହତ୍ୟା ହେଉଛି । ଗୋମାଂସା ଭକ୍ଷଣକାରୀ ମଣିଷମାନେ ନିଜ ଘର ପଛପଟେ ଅତ୍ୟନ୍ତ ଅମାନୁଷିକ ଭାବେ ଗୋହତ୍ୟା କରୁଛି । ପ୍ରଶାସନ ସବୁ ଦେଖୁଛି କିନ୍ତୁ ବିରୋଧ କରିବାର ସାହସ ନାହିଁ । ସରକାର ନିଜର ଭୋଟ ବ୍ୟାଙ୍କ ରାଜନୀତିକୁ ଆଖି ଆଗରେ ରଖି ନୀରବ ରହୁଛନ୍ତି । ସରକାର ଏହି ପୁରୁଣା ଆଇନୀକୁ ନା ସଂଶୋଧନ କରୁଛନ୍ତି ନା ଏହି ପ୍ରଚଳିତ ଆଇନକୁ ରାଜ୍ୟରେ କାର୍ଯ୍ୟକାରୀ କରୁଛନ୍ତି । କେବଳ କ୍ଷମତାର ମୋହରେ ସରକାର ଆଜି ଧୃତରାଷ୍ଟ ସାଜି ବସିଛନ୍ତି । ତାଙ୍କ ଆଗରେ ଏକ ମାତ୍ର ସ୍ୱପ୍ନ କ୍ଷମତା । ଯେଉଁ ଆଇନ ଅଛି ତାହା କେବଳ ଧର୍ମକୁ ଆଖିଠାର ସଦୃଶ । ଅଗଷ୍ଟ ମାସ ୯ ତାରିଖ କ୍ରାନ୍ତି ଦିବସ ଅବସରରେ ଓଡିଶା ସୁରକ୍ଷା ସେନା ଓ ହିନ୍ଦୁ ଏକତା ମଞ୍ଚ ଆନୁକୂଲ୍ୟରେ ରାଜଭବନ ଭୁବନେଶ୍ୱର ବାହାରେ ଏକ ଧାରଣା କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାରେ ସଶକ୍ତ ଗୋ ସୁରକ୍ଷା କାନୁନ ପାରିତ କରିବାକୁ ଆହ୍ୱାନ ଦିଆ ଯାଇଥିଲା ଓ ଏ ସମ୍ବନ୍ଧରେ ମହାମହିମ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସରକାର ଓଡ଼ିଶାରେ ଥିବା ଆଇନ ଝଷର ଙ୍କସସ୍ଥସ୍ଥବ ଚକ୍ସରଙ୍ଗରଭ- ସ୍ଥସକ୍ଟଭ କ୍ଟଲ ଉକ୍ଟଙ୍ଗ ଝକ୍ଷବଙ୍କଶଷସ୍ଥରକ୍ସ ଇମସ୍ଥ ୧୯୬୦କୁ ସଂଶୋଧନ କରି ଅନ୍ୟ ରାଜ୍ୟ ମାନଙ୍କରେ ପାରିତ ଆଇନକୁ ତର୍ଜମା କରି ଉପଯୁକ୍ତ ଦଣ୍ଡ ବିଧାନର ପ୍ରାବଧାନ କରିବାକୁ ଓଡ଼ିଶାର ଲକ୍ଷ ଲକ୍ଷ ଗୋସେବକ, ଗୋଭକ୍ତ ମାନେ ଦାବି କରୁଛନ୍ତି । ଆହ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧିଶ ଶ୍ରୀ ଶେଖର କୁମାର ଯାଦବ କିଛି ମାସ ତଳେ ଏକ ଗୋହତ୍ୟା ମୋକଦ୍ଦମାରେ ଆଗତ ବେଲ୍ ପିଟିସନ୍‌କୁ ଆଗ୍ରାହ୍ୟ କରି କହିଥିଲେଯେ, ଗୋମାତାଙ୍କୁ ଜାତୀୟ ପଶୁ ଭାବେ ଘୋଷଣା କରାଯିବା ଉଚିତ୍ । ନେପାଳ ଏକମାତ୍ର ଦେଶ ଯେଉଁଠାରେ ଗୋମାତାଙ୍କୁ ଜାତୀୟ ପଶୁ ଭାବେ ଘୋଷଣା କରାଯାଇଛି । କେନ୍ଦ୍ରରେ ଶାସନ କରୁଥିବା ରାଷ୍ଟ୍ରବାଦୀ ସରକାରୀ ବିଫ୍ (ଈରରଲ) ରପ୍ତାନିକୁ ବନ୍ଦ କରିବା ସହିତ ଗୋ ମାତାକୁ ଜାତୀୟ ପଶୁ ଭାବେ ଘୋଷଣା କରିପାରିଲେ ଭାରତବର୍ଷରେ ଗୋହତ୍ୟା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇପାରନ୍ତା । କେନ୍ଦ୍ର ସରକାର ଏ ଦିଗରେ କେତେ ତତ୍ପରତା ଦେଖାଇପାରିବେ ତାହା ସମୟ କହିବ ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର୍*
*ମୋ : ୮୨୪୯୨୮୧୫୬୭*




## କାମିନୀ ନାୟକଙ୍କ ରଚିତ କବିତା ଗ୍ରନ୍ଥକୁ ବଙ୍ଗଳାରେ ଅନୁବାଦ

ଚଣ୍ଡିଖୋଲ,(ପିଏନ): ବଡ଼ଚଣା ବ୍ଲକ ଧାନମଣ୍ଡଳ ସ୍ଥିତ ହୋଲି ଜେସସର ଅଧକ୍ଷା ତଥା ଲେଖକ ସୁଶ୍ରୀ କାମିନୀ ନାୟକଙ୍କ ରଚିତ କବିତା ଗ୍ରନ୍ଥ ବଙ୍ଗଳା ଭାଷାରେ ଅନୁବାଦ ହୋଇଛି ।ଏହି ଉପଲକ୍ଷେ ପର୍ଶ୍ଚିମ ବଙ୍ଗର ତିନି ସୁରାଠାରେ ଆୟୋଜିତ ଉଛବରେ ବଙ୍ଗଳାରେ ଅନୁବାଦ କରାଯାଇଥିବା ଗ୍ରନ୍ଥ ନ୍ତସ୍ୱପ୍ନ ଚରାଚରନ୍ତକୁ ଜାତୀୟ ପୁରସ୍କାରପ୍ରାପ୍ତ କବି ପ୍ରାବନ୍ଧିକ ଅରୁଣ କୁମାର ଚକ୍ରବର୍ତ୍ତୀ,ଅନୁବାଦକ ନିରଞ୍ଜନ ଜେନା,ସମାଲୋଚକ ମାନସ ପ୍ରଭା ସରକାର,ଦିନାନ୍ତ ଅନ୍ୱେଷଣର ସମ୍ପାଦକ କବି ନାଟ୍ୟକାର ତଥାଗତ ମୌଳିକ,କବି ରବୀନ୍ଦ୍ର ବିହାରୀ,କବି ବିଦ୍ୟୁତ ଶଙ୍କର ଦାସ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାରେ ଲିଖିତ କବିତା ଗ୍ରନ୍ଥକୁ ଉନ୍ମୋଚିତ କରିଥିଲେ। କାମିନୀଙ୍କ ଏପରି ଲିଖିତ କବିତା ବଙ୍ଗଳାରେ ଅନୁବାଦକୁ ବଡଚଣାର ବିଭିନ୍ନ ଅନୁଷ୍ଠାନ ତାଙ୍କୁ ପ୍ରଶଂଶା କରିଛନ୍ତି।

## ଷଣ୍ଢକୁଦ ବସ୍ତି ବାସିନ୍ଦାଙ୍କ ସମସ୍ୟା ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କଲେ କେ.ଜଗନ୍ନାଥ ରାଓ

ପାରାଦୀପ,(ପି.ଏନ): ପାରାଦୀପ ପୌରାଞ୍ଚଳର ୧୭, ୧୮ ଓ ୧୯ ନମ୍ବର ୱାର୍ଡକୁ ନେଇ ଗଠିତ ଷଣ୍ଢକୁଦ ବସ୍ତିରେ ତେଲୁଗୁ, ଓଡିଆ ଓ ବଙ୍ଗାଳୀ ସମ୍ପ୍ରଦାୟର ପ୍ରାୟ ୨୦ ହଜାରରୁ ଉର୍ଦ୍ଧ ଜନସାଧାରଣ ବସବାସ କରୁଛନ୍ତି । ତେବେ ଏହି ବସ୍ତିରେ ସେଭଳି ଆଖିଦୃଷ୍ଟିଆ ଉନ୍ନୟନ କାର୍ଯ୍ୟ ହୋଇପାରି ନାହିଁ ବୋଲି ଅଭିଯୋଗ କରିଛନ୍ତି ୧୮ ନମ୍ବର ୱାର୍ଡ ସ୍ୱାଧୀନ ପାରିଷଦ କେ.ଜଗନ୍ନାଥ ରାଓ । ବିଭିନ୍ନ ଦଳରେ ବିଭିନ୍ନ ସମୟରେ ଲଗାତର ପାଞ୍ଚ ଥର ପାରିଷଦ ଭାବେ ବହୁ ଭୋଟରେ ବିଜୟୀ ହୋଇଥିବା ଶ୍ରୀ ରାଓ ତାଙ୍କ ସମୟରେ ବିଦ୍ୟାଳୟ, ଚିକିତ୍ସାଳୟ, ରାସ୍ତା ନିର୍ମାଣ, ଡ୍ରେନ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ଇତ୍ୟାଦିର ଉନ୍ନୟନ କ୍ଷେତ୍ରରେ ପ୍ରମୁଖ ଭୂମିକାଗ୍ରହଣ କରିଥିବା ବେଳେ, ପୌରପାଳିକା କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ବସ୍ତିର ସାମୁହିକ ଉନ୍ନତି କ୍ଷେତ୍ରରେ ସେଭଳି କାର୍ଯ୍ୟ ହୋଇ ପାରିନଥିବା ଅଭିଯୋଗ କରିଛନ୍ତି ପାରିଷଦ । ତେବେ ବସ୍ତିରେ ଦୀର୍ଘ ଦିନ ଧରି ବସବାସ କରୁଥିବା ବସ୍ତିବାସିନ୍ଦାଙ୍କ ବାସ ଜମିର ପଟ୍ଟାକୁ ପ୍ରଶାସନ ସୁନିଶ୍ଚିତ କରିବା ସହ ମୌଳିକ ସୁବିଧା ଉପରେ ଗୁରୁତ୍ୱ ଦେବାକୁ ପାରିଷଦ କେ.ଜଗନ୍ନାଥ ରାଓ ଦାବୀ କରିଛନ୍ତି । ଅନ୍ୟପକ୍ଷରେ ପୌର ନିର୍ବାଚନରେ ବିଜେଡିର ପ୍ରାର୍ଥୀ ରୂପେ ୧୯ ଟି ୱାର୍ଡ ମଧ୍ୟରେ ସର୍ବାଧିକ ଭୋଟ ବ୍ୟବଧାନରେ ଜିତି ଆସୁଥିବା ଜଗନ୍ନାଥଙ୍କୁ ଗତ ପୌର ନିର୍ବାଚରେ ଅଣଦେଖା କରି ଟିକେଟ ନଦେବା ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀ ରାଓ । ତେବେ ତାଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ବସ୍ତିବାସିନ୍ଦାଙ୍କ ବାଧ୍ୟବାଧକତାରେ ଶ୍ରୀ ରାଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଗତ ପୌର ନିର୍ବାଚନରେ ଲଢି ବିଜୟୀ ହୋଇଥିଲେ । ଯେ ପର୍ଯ୍ୟନ୍ତ ବସ୍ତିବାସିନ୍ଦାଙ୍କର ସମସ୍ୟାର ସମାଧାନ ନହୋଇଛି ସେ ପର୍ଯ୍ୟନ୍ତ ସେ ତାଙ୍କର ସଂଗ୍ରାମ ଜାରି ରଖିବେ ବୋଲି କହିଛନ୍ତି ପାରିଷଦ କେ.ଜଗନ୍ନାଥ ରାଓ ।

## ଟ୍ରାନ୍ସଜେଣ୍ଡରଙ୍କ ଥଇଥାନ ପାଇଁ ୨ଟି ସଂଘ ସହାୟକ ଗୋଷ୍ଠୀକୁ ୧ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ

ପୁରୀ,(ପି.ଏନ):ପୁରୀ ଜିଲ୍ଲାରେ ଥିବା ଟ୍ରାନ୍ସଜେଣ୍ଡରମାନଙ୍କୁ ଥଇଥାନ କରି ତାଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଏହି କ୍ରମରେ ସୋମବାର ସର୍ବୋଦୟ ନଗର ମ୍ୟୁନିସପାଲଟି କୋଠାରେ ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ଏକ ତାଲିମ କେନ୍ଦ୍ର ଉଦଘାଟିତ ହୋଇଛି। ଏହି ତାଲିମ କେନ୍ଦ୍ରକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରଦୀପ୍ତ କୁମାର ସାହୁ ଟ୍ରାନ୍ସଜେଣ୍ଡରମାନେ ଯେପରି ସାମାଜିକ ଅବହେଳାର ଶିକାର ନ ହେବେ ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ। ସେ ଦିଗରେ ଏହି ଟ୍ରେନିଂ ସେଂଟର ଉପଯୋଗୀ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ଏହି କାର୍ଯ୍ୟକ୍ରମ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ବିଭାଗ ସ୍ୱୀକୃତି ଯୋଜନା ମାଧ୍ୟମରେ ଆର୍ଥିକ ଅନୁଦାନ ପ୍ରାପ୍ତ ଅଟେ ଏବଂ ଏହି ପ୍ରକଳ୍ପ ମାଧ୍ୟମରେ ପୁରୀ ଜିଲ୍ଲାର ଟ୍ରାନ୍ସଜେଣ୍ଡରମାନଙ୍କୁ ବିଭିନ୍ନ ପ୍ରକାର ଧନ୍ଦାମୂଳକ ପ୍ରଶିକ୍ଷଣ ଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରୟାସ ଆରମ୍ଭ କରାଯିବ ବୋଲି କହିଥିଲେ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଠିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାରନେଟ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷ୍ୱ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି।

## କୋଟାକ ମ୍ୟୁଚୁଆଲ ଫଣ୍ଡ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟକ୍ଷ୍ୱ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ଜିଲ୍ଲାରେ ମିଶନ ଇନ୍ଦ୍ରଧନୁଷ ୫.୦ର ଶୁଭାରମ୍ଭ

ପୁରୀ,(ପି.ଏନ):ଚନ୍ଦନ ହଜୁରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲ୍ଲା ସ୍ତରୀୟ ମିଶନ ଇନ୍ଦ୍ରଧନୁଷ ୫.୦କାର୍ଯ୍ୟକ୍ରମର ସୋମବାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ,ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଟି ନାରାୟଣ ରାଓ, ସହରାଂଚଳ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶ୍ରୀ ମହାନ୍ତି, ଜିଲ୍ଲା ଡାଟା ମ୍ୟାନେଜର ସୁଦାମ ମହାରଣା, ଜିଲ୍ଲା ଟୀକା ଓ ଲଜିଷ୍ଟିକ ମ୍ୟାନେଜର ମଧୁସ୍ମିତା ମିଶ୍ର, ଟୀକାକରଣ କମ୍ପ୍ୟୁଟର ସହାୟକ ଆଲୋକ ସେନାପତି ଏବଂ ଜନସ୍ୱାସ୍ଥ୍ୟ ପରିଚାଳକ (ସହରାଚଂଳ) ରଞ୍ଜିତ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ନିୟମିତ ଟୀକା ସବୁ ନେଇ ନଥିବା ପିଲାଙ୍କର ବାକିଥିବା ଟୀକା ଦେବା ପାଇଁ ଏବଂ ମିଳିମିଳା ଓ ରୁବେଲା ଇତ୍ୟାଦି ରୋଗକୁ ଦେଶରୁ ନିର୍ମୂଳ କରିବା ପାଇଁ ମିଶନ ଇନ୍ଦ୍ରଧନୁଷ ୫.୦ର ମୂଳ ଲକ୍ଷ୍ୟ।

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷ୍ୱ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଁଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷ୍ୱ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାରର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।



# ମୋ ସହର

## ରାୟଗଡା ଜିଲ୍ହାରେ ଚ଼ରମ ସୀମାରେ ଶିକ୍ଷକଙ୍କ ଧାରଣା,ବିଦ୍ୟାଳୟରେ ଝୁଲିଲା ତାଲା

କୋଲନରା ,(ପି.ଏନ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ସଦର ମହକୁମା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ନିଖିଳ ଉତ୍କଳ ପ୍ରଥମିକ ଶିକ୍ଷକ ସଂଘ ତରଫରୁ ତିନି ଦଫା ଦାବି ପୂରଣ ନେଇ ଧର୍ମଘଟ କରାଯାଇଥିଲା। କୋଲନରା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ବର୍ଗର ପ୍ରାୟ ୨୦୦ ରୁ ଅଧିକ ଶିକ୍ଷକ ଶିକ୍ଷୟତ୍ରୀ ଏହି ଧର୍ମଘଟରେ ଯୋଗ ଦେଇଥିଲେ ।ଶିକ୍ଷକ ମାନଙ୍କ ଏହି ଧର୍ମଘଟ ଯୋଗୁଁ ବ୍ଲକ୍ ର ଦେଢ଼ ଶହ ରୁ ଅଧିକ ବିଦ୍ୟାଳୟ ପ୍ରଭାବିତ ହୋଇଥିବା ବେଳେ ୩୪ ଟି ବିଦ୍ୟାଳୟ ରେ ତାଲା ଝୁଲିଥିଲା। ଏହି ବିଦ୍ୟାଳୟ ମାନଙ୍କରେ ପାଠ ପଢା ସମ୍ପୂର୍ଣ୍ଣ ଠପ୍ ହୋଇଯିବା ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ମଧ୍ୟ ବନ୍ଦ ରହିଥିବା ଜଣା ପଡ଼ିଛି। ରାଜ୍ୟ ସରକାରଙ୍କ ଦ୍ୱାରା ତିନି ଦଫା ଦାବି ପୂରଣ ନ ହେବା ଯାଏ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚ଼ାଲିବ ବୋଲି ଶିକ୍ଷକ ନେତା ଦୀପକ କୁମାର ସାହୁ, ପ୍ରଦୀପ କୁମାର ନାୟକ, ସାଧନା ପ୍ରଧାନ , ଆଦିତ୍ୟ ନାରାୟଣ ସ୍ୱାଇଁ, ବାଳକୃଷ୍ଣ ସାହୁ, ଗୋପବନ୍ଧୁ ଜେନା , ତପନ କୁମାର ପଣ୍ଡା ପ୍ରଭୃତି ଜଣାଇଛନ୍ତି। ଏହି ଆନ୍ଦୋଳନ ଏପରି ଚ଼ାଲିଲେ କୋଲନରା ବ୍ଲକ୍ ରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିବ ବୋଲି ଆଶଙ୍କା କରାଯାଉଛି। ଉପସ୍ଥିତ ଆନ୍ଦୋଳନ କାରୀ ଶିକ୍ଷକ ମାନଙ୍କ ଠାରୁ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀମତି ମଞ୍ଜୁଲତା ଜେନା ଦାବୀ ପତ୍ର ଗ୍ରହଣ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଚ଼ାଦିଲି ଥାନ ତରଫରୁ ପୋଲିସ୍ ମୃତୟନ୍ କରାଯାଇଥିଲା।

## ସୋମବାର ଠାରୁ ସାମୁହିକ ଛୁଟିରେ ଯିବେ ରାୟଗଡା ଜିଲ୍ଲାର ସମସ୍ତ ଶିକ୍ଷକ

ଭୁବନେଶ୍ୱର,(ପି.ଏନ): ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ବଡ଼ ନିଷ୍ପତି,ରାୟଗଡ଼ା ଜିଲ୍ଲା ଜେକେପୁର ଠାରେ ଆଜି ଜିଲ୍ଲାର ସମସ୍ତ ବର୍ଗର ଶିକ୍ଷକ ସଙ୍ଗଠନର ନେତୃବୃନ୍ଦଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବା ସହ ଜିଲ୍ଲା କାର୍ଯ୍ୟକାରିଣୀ ସମିତି ଗଠନ କରାଯାଇଥିଲା। କୋଲନରା ବ୍ଲକ୍ ଶିକ୍ଷକ ସଂଘ ସମ୍ପାଦକ ଦୀପକ କୁମାର ସାହୁ ଓ ସୁରେଶ ପଟ୍ଟନାୟକଙ୍କ ଆବାହନରେ ଅନୁଷ୍ଠିତ ଏହି ବୈଠକରେ (AUPTF) ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ଶ୍ରୀଯୁକ୍ତ ନରେଶ କୁମାର ସ୍ୱାଇଁସିଂ, ରାୟଗଡ଼ା ଜିଲ୍ଲା ସଭାପତି ଅଜିତ୍ କୁମାର ଚୌଧୁରୀ,OJTA ର ଓଡ଼ିଶା ରାଜ୍ୟ ମହାସଚ଼ିବ ଆଦିତ୍ୟ ନାରାୟଣ ସ୍ୱାଇଁ, ରାଜ୍ୟ ମିଳିତ ମଞ୍ଚ ଆବାହକ ସୁନୀଲ କୁମାର ପ୍ରଧାନ, ପଶ୍ଚିମ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ନେତା ତଥା ଆବାହକ ପ୍ରମୋଦ କୁମାର ପଣ୍ଡା, ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘର ରାୟଗଡ଼ା ଜିଲ୍ଲା ସଭାପତି ସୋମନାଥ ଗରଡ଼ା, ଉପ ସଭାପତି ସାଧନା ପ୍ରଧାନ, ସମ୍ପାଦକ ମାଣ୍ଡଙ୍ଗି ତାଉଡୁ, କାର୍ଯ୍ୟକାରୀ



ସଭାପତି କରୁଣାକର ମାଝି, ସହ-ସମ୍ପାଦକ ଜଗଦିଶ ଚ଼ିନ୍ତାଡା, ସାଙ୍ଗଠନିକ ସମ୍ପାଦକ ପ୍ରଦୀପ ନାୟକ, AUPTF ଖାରବେଳ ନଗର ଶାଖା ଜିଲ୍ଲା ସମ୍ପାଦକ କୃଷ୍ଣ ଚ଼ନ୍ଦ୍ର ପଣ୍ଡା ଓ ବିଭିନ୍ନ ବ୍ଲକ୍ ର ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି ଓ ସମ୍ପାଦକ ମାନେ ଉପସ୍ଥିତ ଥିଲେ।ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଜିଲ୍ଲାର ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟତ୍ରୀ ନିଜର ନ୍ୟାର୍ଯ୍ୟ ତିନି ଦଫା ଦାବି ପୂରଣ ନହେବା ପର୍ଯ୍ୟନ୍ତ ସୋମବାର ଠାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ। ପ୍ରକାଶ ଥାଉକି,All United primary Teachers Federation /ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଡାକରାରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାର ଶିକ୍ଷକ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ସହ ଶୁକ୍ରବାର ଠାରୁ BEO କାର୍ଯ୍ୟାଳୟ ଆଗରେ ଧାରଣା ରେ ବସିଛନ୍ତି। ଅନେକ ବିଦ୍ୟାଳୟ ରେ ତାଲା ଝୁଲିବା ସହ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଓ ଶିକ୍ଷାଦାନ ବନ୍ଦ ରହିଛି। ବିଗତ ଦୁଇ ଦିନ ହେଲା କାଶୀପୁର ବ୍ଲକର ଦୁଇଶହରୁ ଅଧିକ ସ୍କୁଲ୍ ରେ ତାଲା ପଡ଼ିବା ସହ ପାଠ ପଢା ଠପ ହୋଇଯାଇଛି। ଏହି ଆନ୍ଦୋଳନକୁ ଜୋରଦାର କରାଯିବା ସହ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବର୍ଗର ଶିକ୍ଷକ ମାନଙ୍କୁ ଏଥିରେ ସାମିଲ୍ କରିବା ପାଇଁ ଆଜିର ବୈଠକ ରେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି।

## ଚ଼ାରିଛକ ସାମ୍ବାଦିକ ସଂଘର ବୈଠକ ଅନୁଷ୍ଠିତ

ନିମାପଡ଼ା,(ପି.ଏନ ):ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀପୁର ଗ୍ରାମ ର ମା କନକ ଦୁର୍ଗା ମନ୍ଦିର ଠାରେ ଚ଼ାରିଛକ ସାମ୍ବାଦିକ ସଂଘ ର ଏକ ବୈଠକ ସଭାପତି ପ୍ରଫୁଲ୍ଲ କର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଜାତୀୟ ପ୍ରେସ ଦିବସ ପାଳନ କରାଯିବା ସଂପର୍କ ରେ ସବିଶେଷ ଆଲୋଚ଼ନା ହୋଇଥିଲା। ଗୋପ ଥାନା ରେ ଗତକାଲି ଜୈନିକ ସାମ୍ବାଦିକଙ୍କୁ ଆକ୍ରମଣ କରାଯିବା ଘଟଣା କୁ ବୈଠକ ରେ ତୀବ୍ର ନିନ୍ଦା କରାଯିବା ସହିତ ତୁରନ୍ତ ଅଭିଯୁକ୍ତ ମାନଙ୍କ ବିରୋଧ ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ନୂତନ ସଭ୍ୟ ସଞ୍ଜୟ ପତି, ମାନସ ଖଣ୍ଡୁଆଳ, କୈଳାସ ପାତ୍ର,ଉପଦେଷ୍ଟା ପଞ୍ଚାନନ ସାହୁ ଙ୍କୁ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା। ଏହି ବୈଠକରେ ଉପଦେଷ୍ଟା ଗୋପୀନାଥ କର, କାହ୍ନୁଚ଼ରଣ ବେହେରା,ପଣ୍ଡିତ ମୁରଲୀଧର ଭାରତୀ, ସମ୍ପାଦକ ବସନ୍ତ ଦାସ, ଉପ ସଭାପତି ସନ୍ତୋଷ ଦାଶ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚ଼ନ୍ଦ୍ର ମହାପାତ୍ର,ପ୍ରଫୁଲ୍ଲ ସାହୁ, ଶତ୍ରୁଘ୍ନ ପାତ୍ର, ରଜନୀ କାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ।

## ୨୫୦ କୋଟି ଟଙ୍କାର ଅଣ-ପରିବର୍ତ୍ତନକ୍ଷମ ଡିବେଞ୍ଚର ଇସ୍ୟୁକୁ ବୈଦ ଫିନ୍‌ସର୍ଭ ଲିମିଟେଡର ଅନୁମୋଦନ

ଜୟପୁର,(ପି.ଏନ): ଭାରତର ଅନ୍ୟତମ ଅଗ୍ରଣୀ ଏମ୍ଏସଏମ୍ଇ ଋଣ ଏବଂ ଯାନବାହନ ଋଣ ଯୋଗାଣକାରୀ ବୈଦ ଫିନ୍‌ସର୍ଭ ଲିମିଟେଡ ପ୍ରାଇଭେଟ ପ୍ଲେସ୍‌ମେଣ୍ଟ ଭିତ୍ତିରେ ସର୍ବାଧିକ ୨୫୦ କୋଟି ଟଙ୍କା ପର୍ଯ୍ୟ' ପରିମାଣର ଅଣ-ପରିବର୍ତ୍ତନକ୍ଷମ ଡିବେଞ୍ଚର୍ ଇସ୍ୟୁ ପ୍ରସ୍ତାବକୁ ଅନୁମୋଦନ କରିଛି। ଚଳିତ ମାସ ୭ ତାରିଖରେ ଅନୁଷ୍ଠିତ କମ୍ପାନୀର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ କମ୍ପାନୀ ଏହି ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛି। ଇସ୍ୟୁର ସର୍ତ୍ତାବଳୀ ବୋର୍ଡ ଅଫ ଡାଇରେକ୍ଟର୍ସଙ୍କ ଦ୍ୱାରା ସ୍ଥିର କରାଯିବ। ୧୯୯୧ରେ ସ୍ଥାପିତ ବୈଦ ଫିନ୍‌ସର୍ଭ ଲିମିଟେଡ ହେଉଛି ଭାରତର ଅଗ୍ରଣୀ ଯାନବାହନ ଋଣ ଏବଂ ଏମ୍ଏସଏମ୍ଇ ଋଣ ପ୍ରଦାନକାରୀ। ଏକ ଅଣ-ଜମା ସଂଗ୍ରହକାରୀ ଏନ୍‌ବିଏଫ୍‌ସି ଭାବରେ କମ୍ପାନୀ ଯାନବାହନ ଋଣ, ବାଣିଜ୍ୟିକ ଯାନ ଋଣ (ନୂତନ ଓ ବ୍ୟବହୃତ), ଏମ୍ଏସଏମ୍ଇ ଋଣ, ସମ୍ପତ୍ତି ବନ୍ଧକ ରଖି ଋଣ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସମର୍ଥିତ ଋଣ ପ୍ରଦାନ କରୁଛି। କମ୍ ସେବାର ସୁଯୋଗ ପାଉଥିବା ବର୍ଗଙ୍କ ଉପରେ ମଜଭୁତ ଦୃଷ୍ଟିନିବଦ୍ଧ କରୁଥିବା ଏହି କମ୍ପାନୀ ନିକଟରେ ମଧ୍ୟପ୍ରଦେଶ ଏବଂ ତାହାସହିତ ରାଜସ୍ଥାନର ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ନିଜର କାର୍ଯ୍ୟକଳାପ ସମ୍ପ୍ରସାରିତ କରିଛି। ବୈଦ ଫିନ୍‌ସର୍ଭର ମୂଳ ଲକ୍ଷ୍ୟ ହେଉଛି ସୁଲଭ ଖର୍ଚ୍ଚରେ ଅର୍ଥ ଉପଲବ୍ଧ କରାଇବା ଏବଂ ତାହାସହିତ ସମସ୍ତ କାରବାରରେ ଶୀର୍ଷ ସ୍ତରର ସ୍ୱଚ୍ଛତା ବଜାୟ ରଖିବା। ୨୦୨୩ ଜୁନ୍ ସୁଦ୍ଧା ଶେଷ ହୋଇଥିବା ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ କମ୍ପାନୀ ୫.୬୧ କୋଟି ଟଙ୍କା ନେଟ୍ ଲାଭ ଉର୍ପାନ କରିଛି, ଯେଉଁଥିରେ ପୂର୍ବବର୍ଷ ସେହି ସମୟରେ ହୋଇଥିବା ନେଟ୍ ଲାଭ ୨.୪୦ କୋଟି ଟଙ୍କା ତୁଳନାରେ ୧୩୧% ଅଭିବୃଦ୍ଧି ସାଧିତ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଏହାର ବ୍ୟବସାୟ ପରିଚାଳନାରୁ ମୋଟ ୧୮.୨୪ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି, ଯାହା ପୂର୍ବବର୍ଷ ସେହି ସମୟରେ କମ୍ପାନୀ ଦ୍ୱାରା ସଂଗୃହୀତ ରାଜସ୍ୱ ପରିମାଣ ୧୨.୮୩ କୋଟି ଟଙ୍କା ତୁଳନାରେ ୨୯.୬% ଅଧିକ ରହିଛି। କମ୍ପାନୀ ତାହାର ବାର୍ଷିକ ସାଧାରଣ ବୈଠକରେ ମଧ୍ୟ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ସେୟାର ପିଛା ୦.୧୦ ଟଙ୍କା (ପ୍ରତ୍ୟେକ ୨ଟଙ୍କା ମୂଲ୍ୟ ବିଶିଷ୍ଟ ଇକ୍ୱିଟି ସେୟାର୍‌ର ୫%) ଚୂଡା' ଲାଭାଂଶ ଘୋଷଣା କରିଥିଲା। ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଆନୁଷ୍ଠାନିକ ଅର୍ଥଲଗାଣ ସୁଯୋଗ ପ୍ରତି ଦୃଷ୍ଟିଦେବା କମ୍ପାନୀର ରଣକୌଶଳାତ୍ମକ ଲକ୍ଷ୍ୟ ହୋଇଛି, ଯେଉଁଠାରେ ଆର୍ଥିକ ସମର୍ଥନ ଯୋଗାଇଦେବାର ଉଲ୍ଲେଖନୀୟ ଆବଶ୍ୟକତା ରହିଛି। ଏହି କମ୍ ସେବାର ସୁଯୋଗ ପାଉଥିବା ଅଞ୍ଚଳଗୁଡିକରେ ସେବା ଯୋଗାଇ ବୈଦ ଫିନ୍‌ସର୍ଭ ଏ କ୍ଷେତ୍ରରେ ରହିଥିବା ଖାଲିସ୍ଥାନ ପୂରଣ କରିବା ଏବଂ ସମସ୍ତ ବ୍ୟବସାୟସଂସ୍ଥାର ମାଲିକ ଏବଂ ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସମ୍ବଳର ସୁଯୋଗ ନେବା ଦିଗରେ ସଶକ୍ତ କରିବା ଲକ୍ଷ୍ୟ ରଖିଛି। ଏହାର ସମୁଦାୟ ଅଭିବୃଦ୍ଧି ଓ ସମ୍ପ୍ରସାରଣ ଯାତ୍ରା ପଥରେ ବିଶ୍ୱାସବୋଧ ବୈଦ ଫିନ୍‌ସର୍ଭର ମୂଳ ମନ୍ତ୍ର ହୋଇ ରହିଆସିଛି। ଏହାର ସହଭାଗୀମାନଙ୍କ ପକ୍ଷରୁ ମିଳୁଥିବା ଅକୁଣ୍ଠ ସମର୍ଥନ ଏବଂ ପ୍ରତିବଦ୍ଧତାକୁ ନେଇ କମ୍ପାନୀ ବଜାରରେ ଏକ ସୁଦୃଢ ଖ୍ୟାତି ଅର୍ଜନ କରିଛି ଏବଂ ଏହି ପରମ୍ପରାକୁ ପିଢି ପରେ ପିଢି ବଜାୟ ରଖିବା ଦିଗରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛି। ବୈଦ ଫିନ୍‌ସର୍ଭ ଲିମିଟେଡ ଯଥେଷ୍ଟ ବ୍ୟାଙ୍କ ସୁବିଧା ନଥିବା ଅଞ୍ଚଳରେ ନିଜକୁ ରଣକୌଶଳାତ୍ମକ ଭାବରେ ଉପସ୍ଥାପିତ କରିଛି ଏବଂ ପୂର୍ବ ରାଜସ୍ଥାନରେ ଏହାର ମଜଭୁତ ଉପସ୍ଥିତି ରହିଛି, ସେଠାରେ ଏହା ୨୫ଟି ଜିଲ୍ଲାରେ ୩୨ଟି ଶାଖା କାର୍ଯ୍ୟାଳୟ ଜରିଆରେ ନିଜର ଆର୍ଥିକ ସେବା ଯୋଗାଉଛି। ଏଥିସହିତ କମ୍ପାନୀ ନିକଟରେ ମଧ୍ୟପ୍ରଦେଶକୁ ପ୍ରବେଶ କରି ୮ଟି ଜିଲ୍ଲାରେ ୫ଟି ଶାଖା କାର୍ଯ୍ୟାଳୟ ଜରିଆରେ ନିଜର କାରବାର ଆରମ୍ଭ କରିଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର୍ସର ଏକ୍‌ଜିକ୍ୟୁଟିଭ କମିଟି ଗୁଜରାଟ ଓ ମହାରାଷ୍ଟ୍ରରେ ନୂଆ ଶାଖାମାନ ଖୋଲି କମ୍ପାନୀର ଉପସ୍ଥିତି ତଥା ଗ୍ରାହକଙ୍କ ନିକଟରେ ପହଞ୍ଚ ସୁଦୃଢ କରିବା ଯୋଜନାକୁ ଅନୁମୋଦନ କରିଛି ।ଏହି ରଣକୌଶଳାତ୍ମକ ପ୍ରୟାସ ଅଧିକ ପରିବ୍ୟାପ୍ତ ଗ୍ରାହକବର୍ଗଙ୍କୁ ସ୍ୱଚ୍ଛ ଆର୍ଥିକ ସେବା ଯୋଗାଇଦେବା, କମ୍ପାନୀର ଉପସ୍ଥିତି ପରିବ୍ୟାପ୍ତ କରିବା ଏବଂ ନୂଆ ନୂଆ ବଜାରରେ ପ୍ରବେଶ କରିବା ନିମନ୍ତେ ଲକ୍ଷ୍ୟ ରଖିଛି। ବୈଦ ଫିନ୍‌ସର୍ଭ ଏହା ସେବା ଯୋଗାଉଥିବା ଅଞ୍ଚଳଗୁଡିକରେ ଆର୍ଥିକ ଅ'ର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ଅଭିବୃଦ୍ଧିକୁ ଆଗେଇନେବା ନିମନ୍ତେ ଉତ୍ସର୍ଗୀକୃତ ରହିଛି। ନିଜର ଗ୍ରାହକଙ୍କ ଆବଶ୍ୟକତା ଉପରେ ଦୃଷ୍ଟିନିବଦ୍ଧ କରି ଏବଂ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ବଜାୟ ରଖି କମ୍ପାନୀ ଗ୍ରାହକ ସେବା କ୍ଷେତ୍ରରେ ନିର'ର ଉତ୍କର୍ଷ ବଜାୟ ରଖିଛି।

## ସବର୍ଣ୍ଣ ଓ ଅସବର୍ଣ୍ଣ ଲଢ଼େଇ ରେ ଗଡ଼ିଲା ମୁଣ୍ଡ

ଆସିକା,(ପି.ଏନ): କୋଟିନଡା ଥାନା ହରିଡାପଦର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ। ଦୀର୍ଘ ଦିନ ଧରି ଉକ୍ତ ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଲାଗିଥିଲା। ଅସବର୍ଣ୍ଣଙ୍କ ପାଇଁ ମନ୍ଦିର ପ୍ରବେଶ ଓ ପୋଖରୀ ବ୍ୟବହାର ଆଦି ନିତ୍ୟ ବ୍ୟବହୃତ ଆବଶ୍ୟକତା ଗୁଡିକ ଉପରେ ସବର୍ଣ୍ଣ ମାନେ କାଳେ ବିରୋଧ କରି ଆସୁଥିଲେ ।ଏହି ଘଟଣକୁ ନେଇ ଆଗରୁ ପୋଲିସ ଓ ଗ୍ରାମବାସୀ ମାନଙ୍କ ମଧ୍ୟରେ ଆପୋଷ ଆଲୋଚ଼ନା ମାଧ୍ୟମରେ ସମସ୍ୟାର ସମାଧାନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଥିଲା। ଆଜି ସକାଳୁ ଯୁବକ କୌଣସି କାମରେ ଯିବା ସମୟରେ ସବର୍ଣ୍ଣ ଜାତିର କିଛି ଯୁବକ ସଂଘବଦ୍ଧ ଆକ୍ରମଣ କରିଥିଲେ ବୋଲି ଅସବର୍ଣ୍ଣ ମାନଙ୍କ ସଭାପତି କହିଛନ୍ତି। ଏହି ଘଟଣା ଘଟିବା ପରେ ସୁରେଶ ଚ଼ନ୍ଦ୍ର ଡାକୁଆ ନାମକ ଯୁବକ ପୋଲିସ ଆଗରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଅନ୍ୟ ମାନଙ୍କୁ ପୋଲିସ ଖୁବଶିଘ୍ର ଗିରଫ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ।ମୃତ ଯୁବକ ଜଣଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ସ୍ଥାନୀୟ ଆସିକା ଉପଖଣ୍ଡ ଚ଼ିକିତ୍ସାଳୟକୁ ନିଆଯାଇଥିଲା। ଅଧିକ ତଦନ୍ତ କରିବା ଲାଗି ମୃତଦେହକୁ ବ୍ରହ୍ମପୁର ସ୍ଥାନାନ୍ତର କରିବା ସହିତ ସେଠି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିବା ପରେ ଆସିକା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ମଜାପାନୀ ବୌଦ୍ଧ ପର୍ଯ୍ୟଟକଙ୍କ ଉଦୟଗିରି ପରିଦର୍ଶନ

ଚ଼ଣ୍ଡିଖୋଲ, (ନି ପ୍ର) : ସୁଦୂର ଜାପାନରୁ ଆସିଥିବା ୧୯ ଜଣିଆ ବୌଦ୍ଧ ପର୍ଯ୍ୟଟକ ଦଳ ଆଜି ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ଓ ରତ୍ନଗିରି ପରିଦର୍ଶନ କରିଛନ୍ତି। ପୂର୍ବାହ୍ନ ରେ ସେମାନେ ପ୍ରଥମେ ଉଦୟଗିରିରେ ପହଞ୍ଚି ମାଧବପୁର ବୌଦ୍ଧ ମହାବିହାର,ମହାବିହାର ସମ୍ମୁଖ ଭାଗରେ ଥିବା ଇଟା ନିର୍ମିତ ଧନକାଣ୍ଡି ମହାସ୍ତୁପ, ପଞ୍ଚରଥ ଶୈଳୀରେ ନିର୍ମିତ ସିଂହପ୍ରସ୍ତ ମହାବିହାର, ମହାକାଳ ମନ୍ଦିର ଏବଂ ଚୈତ ମହାସ୍ତୁପ ପରିମଣ୍ଡଳ ବୁଲି ଦେଖିଥିଲେ ।ଅଢେଇ ହଜାର ବର୍ଷ ତଳର ଏହି ଗୌରବମୟ ବୌଦ୍ଧ ଐତିହ୍ୟ ଓ କିର୍ତ୍ତିରାଜି ସେମାନଙ୍କୁ ଅଭିଭୂତ କରିଛି ବୋଲି କହିଥିଲେ ଜାପାନୀ ପର୍ଯ୍ୟଟକ ଦଳର ଜଣେ ଡାକ୍ତରୀ ଛାତ୍ରୀ ତୋମୋ। ଉଦୟଗିରିର



ବୌଦ୍ଧ ପୀଠ ପରେ ସେମାନେ ଅନ୍ୟତମ ରତ୍ନଗିରି ବୌଦ୍ଧ ବିହାର, ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ପ୍ରତିନିଧି ଦଳର ସମସ୍ତେ ଡାକ୍ତର ବୃତ୍ତିରେ ଅଛନ୍ତି ।ସେମାନେ ଭୁବନେଶ୍ୱରର କିସ ଅନୁଷ୍ଠାନ ପ୍ରଦର୍ଶନରେ ଆସି ଗତ କାଲି ଧଉଳୀ ଶାନ୍ତି ସ୍ତୂପ ପରିଦର୍ଶନ କରିଥିଲେ ।ସେମାନେ ଓଡିଶାର ପ୍ରମୁଖ ବୌଦ୍ଧ ପୀଠ ପରିଦର୍ଶନ ସାରି ଆସନ୍ତା କାଲି ବୌଦ୍ଧଗୟା ଯାତ୍ରା କରିବେ ।ଉଦୟଗିରିର ଠାରେ ଏହି ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ସଦସ୍ୟ ରଞ୍ଜନ ପ୍ରଧାନ ସ୍ୱାଗତ କରିଥିଲେ। ବିଦେଶୀ ମାନେ ଚ଼ାରଣ ଭୂମିରେ ଚ଼ରୁଥିବା ଭାରତୀୟ ଗୋରୁଙ୍କୁ ଦେଖି ବିଶେଷ ଖୁସି ହେଉଥିବା ଲକ୍ଷ୍ୟ କରାଯାଇଥିଲା।

## ସାମ୍ବାଦିକଙ୍କୁ ମାଡ଼ ପ୍ରତିବାଦରେ ଥାନା ସମ୍ମୁଖରେ ଧାରଣା

ନିମାପଡ଼ା ,(ପି.ଏନ): ପୁରୀ ଜିଲ୍ଲା ଗୋପ ଥାନାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି ।ଗୋପ ଥାନା ଗବସିଙ୍ଗା ଗ୍ରାମର ରାଧାଶ୍ୟାମ ଭୋଳ ଙ୍କୁ ୪ଜଣ ଯୁବକ ସୁବର୍ଣ୍ଣପୁର ଛକ ଠାରୁ ଅପହରଣ କରି ନେଇଥିବା ତାଙ୍କ ପତ୍ନୀ ପୁଷ୍ପଲତା ପୋଲିସ ରେ ଅଭିଯୋଗ କରିବାପରେ ଗୋପ ଥାନା ପୋଲିସ ଦଫା ୨୯୪/୩୬୫/୩୪ ଆଇ ପି ସି ରେ ଏକ ମାମଲା ରୁଜୁ କରି ( କେଶ ନଂ ୨୬୩/ ୨୩) ଘଟଣା ରେ ସଂପୃକ୍ତ ଅଭିଯୋଗ ରେ ୪ ଯୁବକଙ୍କୁ ଅଟକ ରଖି ପଚ଼ରା ଉଚରା କରୁଛନ୍ତି ।




2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday September 12, 2023 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୧୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଏରୋନଟିକ୍ସ ଡି ଏ ଭି ହାଇସ୍କୁଲରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ



ସେମିଳିଗୁଡା,(ପି.ଏନ୍) : ସୁନାବେଡା ମିଗ୍ ନଗରୀ ସ୍ଥିତ। ଏରୋନଟିକ୍ସ ଡିଏଭି ହାଇସ୍କୁଲର ଜୁନିଅର ରେଡ୍ କ୍ରସ୍ ୟୁନିଟ୍ ଦ୍ୱାରା ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ଅଧ୍ୟକ୍ଷତା କରି ପ୍ରାଥମିକ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ମୌଳିକ ଦକ୍ଷତା ଯାହା ମୂଲ୍ୟବାନ ଜୀବନ ରକ୍ଷା କରିବା ରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁନାବେଡା ହାଲ ହସପିଟାଲ ର ବରିଷ୍ଠ ମେଡିକାଲ ଅଫିସର ଡାକ୍ତର ରାଜେନ୍ଦ୍ର ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରାଥମିକ ଚିକିତ୍ସାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ଦୁର୍ଘଟଣା ଜନିତ ପରିସ୍ଥିତିରେ କେଉଁ ପ୍ରକାରର ପ୍ରାଥମିକ ଚିକିତ୍ସା ଆବଶ୍ୟକ ତାହା ବୁଝାଇବା ସହ ବିଭିନ୍ନ ପ୍ରକାରର ପ୍ରାଥମିକ ଚିକିତ୍ସା ର କୌଶଳ ମଧ ପ୍ରଦର୍ଶନ କରିଥିଲେ। ଏତଦ୍ ବ୍ୟତୀତ ପ୍ରାଥମିକ ଚିକିତ୍ସା ସମ୍ବନ୍ଧିତ ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲ ଜୁନିଅର ରେଡକ୍ରସ ର ପରାମର୍ଶଦାତା ଶାହେଦା ପରୱିନ ପରିଚାଳନା କରିଥିଲେ ଏବଂ ଚଳିତ ବର୍ଷର ବିଷୟ ବସ୍ତୁ ନ୍ତ ଡିଜିଟାଲ ଦୁନିଆ ରେ ପ୍ରାଥମିକ ଚିକିତ୍ସାନ୍ତ ଉପରେ ଆଲୋକପାତ କରିଥିଲେ।ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ନାୟକ, ନିଧି ତ୍ରିପାଠୀ, ଶିକ୍ଷକ ସନ୍ଦୀପ ପଟ୍ଟନାୟକ ,ତାପସ ରଂଜନ ମଲ୍ଲିକ ଏବଂ ଅନ୍ୟାନ୍ୟ ମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଗୁରୁପୂଜନ ଉତ୍ସବ

ଚଣ୍ଡିଖୋଲ,(ପିଏନ ): ଚଣ୍ଡିଖୋଲ ନିକଟସ୍ଥ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ଦୁଷ୍ମନ୍ତ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଉତ୍ସବରେ ଗୁରୁ ରବୀନ୍ଦ୍ର କୁମାର ତ୍ରିପାଠୀ,ଗୁରୁ ମା ଅନିତା ମହାରଣା,ସାଇନସ ପରବେନ,ମନୀଷା ଭଗତ,ମଧୁସ୍ମିତା ନାୟକ,ପ୍ରଜ୍ଞା ପରିମିତ ପରିଡା,ଅର୍ଚ୍ଚନା ବେହେରା,ପ୍ରିୟଦର୍ଶିନୀ ବେହେରା,ପ୍ରିୟଙ୍କା ନାୟକ,ସୁପ୍ରିୟା ପରିଡା,ମଧୁସ୍ମିତା ବଳ, ଚିରଞ୍ଜିବି ମିଶ୍ର ପ୍ରମୁଖ ଯୋଗେ ଦେଇଥିଲେ।

## ହିଞ୍ଜିଳି ଥାନାରେ ନୂତନ ଥାନାଧିକାରୀଙ୍କ ଯୋଗଦାନ



ହିଞ୍ଜିଳିକାଟୁ,(ପି.ଏନ): ପୂର୍ବତନ ଥାନାଧିକାରୀ ଅଭିମନ୍ୟୁ ଦାସଙ୍କ କମିଶନରେଟ ପୋଲିସକୁ ବଦଳି ପରେ ହିଞ୍ଜିଳି ଥାନାରେ ନୂତନ ଥାନାଧିକାରୀ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ନୂତନ ଥାନାଧିକାରୀ ଭାବରେ ଶ୍ରୀନିବାସ ସେଠୀ ରବିବାର ପୂର୍ବତନ ଥାନାଧିକାରୀ ଶ୍ରୀ ଅଭିମନ୍ୟୁ ଦାସଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ହିଞ୍ଜିଳି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ସହ ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦେବା ଓ ଏହି ଅଞ୍ଚଳର ଅସାମାଜିକ ବ୍ୟକ୍ତିଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି କ୍ଷ ପୂର୍ବରୁ ତାଳଚେର ଥାନାଧିକାରୀ ଭାବରେ କାର୍ଯ୍ୟରତ ଥିଲେ। କାର୍ଯ୍ୟରେ ଯୋଗଦେବା ପରେ ଥାନାରେ କାର୍ଯ୍ୟରତ ଅନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ପାରାଦୀପ ବିଜୁ ଛାତ୍ର ଜନତା ଦଳର ପ୍ରସ୍ତୁତି ବୈଠକ

ପାରାଦୀପ,(ପି.ଏନ): ଆସନ୍ତା ୧୫ ତାରିଖ ଜଗତସିଂହପୁର ଜିଲ୍ଲାସ୍ତରୀୟ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମଶାଳା ପାଇଁ ଏକ ପ୍ରସ୍ତୁତି ବୈଠକ ପାରାଦୀପର ହୋଟେଲ ଇଞ୍ଚରନ୍ୟାସନାଲ ଠାରେ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ନର୍ଦ୍ଦେଶକ୍ରମେ ପାରାଦୀପ ବିଜୁ ଛାତ୍ର ଜନତା ଦଳର ସଭାପତି ଯୁଧିଷ୍ଠିର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ସୌମ୍ୟଜିତ ମହାପାତ୍ର ଓ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ସମିତ ଲେଙ୍କା ଯୋଗ ଦେଇ ଦଳୀୟ ଛାତ୍ର କର୍ମୀଙ୍କୁ ବିଧାୟକଙ୍କ ନେତୃତ୍ୱରେ ଏକଜୁଟ ହୋଇ ଦଳକୁ ବଳିଷ୍ଠ ଓ ଶକ୍ତିଶାଳୀ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମ ଗୁଡିକୁ ପ୍ରଚାର ପ୍ରସାର କରିବା ପାଇଁ ପରାମର୍ଶ ଦେଇଥିଲେ ।

# ଜିଲ୍ଲାରେ ମିଶନ ଇନ୍ଦ୍ରଧନୁଷ ୫.୦ର ଶୁଭାରମ୍ଭ



ପୁରୀ,(ପି.ଏନ):ଚନ୍ଦନ ହଜୁରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲ୍ଲା ସ୍ତରୀୟ ମିଶନ ଇନ୍ଦ୍ରଧନୁଷ ୫.୦କାର୍ଯ୍ୟକ୍ରମର ସୋମବାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ,ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଟି ନାରାୟଣ ରାଓ, ସହରାଂଚଳ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶ୍ରୀ ମହାନ୍ତି, ଜିଲ୍ଲା ଡାଟା ମ୍ୟାନେଜର ସୁଦାମ ମହାରଣା, ଜିଲ୍ଲା ଟୀକା ଓ ଲଜିଷ୍ଟିକ ମ୍ୟାନେଜର ମଧୁସ୍ମିତା ମିଶ୍ର, ଟୀକାକରଣ କମ୍ପ୍ୟୁଟର ସହାୟକ ଆଲୋକ ସେନାପତି ଏବଂ ଜନସ୍ୱାସ୍ଥ୍ୟ ପରିଚାଳକ (ସହରାଂଚଳ) ରଞ୍ଜିତ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ନିୟମିତ ଟୀକା ସବୁ ନେଇ ନଥିବା ପିଲାଙ୍କର ବାକିଥିବା ଟୀକା ଦେବା ପାଇଁ ଏବଂ ମିଳିମିଳା ଓ ରୁବେଲା ଇତ୍ୟାଦି ରୋଗକୁ ଦେଶରୁ ନିର୍ମୂଳ କରିବା ପାଇଁ ମିଶନ ଇନ୍ଦ୍ରଧନୁଷ ୫.୦ର ମୂଳ ଲକ୍ଷ୍ୟ। ଏହି ଅଭିଯାନରେ ଜିଲ୍ଲାର ମୋଟ ୪୧୫୬(୨ରୁ ୫ବର୍ଷ ମଧ୍ୟରେ) ଏବଂ ଗର୍ଭବତୀ ମହିଳା ୬୧୨ ଜଣଙ୍କୁ ମିଶନ ଇନ୍ଦ୍ରଧନୁଷ ୫.୦ କାର୍ଯ୍ୟକ୍ରମ ଅନୁଯାୟୀ ୩ରାଉଣ୍ଡ ଟୀକା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜିଲ୍ଲାରେ ମୋଟ ୧୦୬୬ଟି ଟୀକାକରଣ କେନ୍ଦ୍ର ସ୍ଥିର କରାଯାଇଛି। ପ୍ରଥମ ପର୍ଯ୍ୟାୟ ଅଭିଯାନ ସେପ୍ଟେମ୍ବର ୧୧ରୁ ଆରମ୍ଭ ହୋଇ ୧୬ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ତିନି ଦଫା ଦାବୀ ପୂରଣ ପାଇଁ ପ୍ରାଥମିକ ଶିକ୍ଷକ ଫେଡେରେସନର ଧାରଣା



ଚଣ୍ଡିଖୋଲ,(ପିଏନ):ତିନି ଦଫା ଦାବୀ ହାସଲ ନିମନ୍ତେ ସୋମବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବଡ଼ଚଣା ପକ୍ଷରୁ ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ତିନି ଦଫା ଦାବୀ ମଧ୍ୟରେ କେନ୍ଦ୍ରୀୟ ଧାରାରେ ବେତନ ପ୍ରଦାନ,ପୁରୁଣା ପେନସନ ସ୍କିମ ପ୍ରଚଳନ ଓ ୬ ବର୍ଷରୁ ଉର୍ଦ୍ଧ ଠିକାରେ ଚାକିରୀକୁ ନିୟମିତ କରିବା ଆଦି ଦାବୀ ନେଇ ଶିକ୍ଷକ ମାନେ ପ୍ରଥମେ ବଡ଼ଚଣା ଛକ ସ୍ଥିତ ଶିକ୍ଷକ ଭବନରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ.ସେଠାରେ ବ୍ଲକର ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଏକାଠି ହୋଇ ସରକାର ଯଥା ଶୀଘ୍ର ସେମାନଙ୍କର ଦାବୀକୁ ପୂରଣ କରିବାକୁ ଆହ୍ୱାନ ଦେଇଥିଲେ.କ୍ରୀଡା ଓ କଳା ଶିକ୍ଷକ ଯେଉଁମାନେ ପାର୍ଟ ଟାଇମରେ ଚାକିରୀ କରିଛନ୍ତି ସେମାନଙ୍କୁ ପୂର୍ଣ୍ଣ ଶିକ୍ଷକ ପାହ୍ୟା ଓ ଠିକାରେ ଶିକ୍ଷକ ନିଯୁକ୍ତିକୁ ବାତିଲ କରିବାକୁ ଧାରାରତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କହିଥିଲେ. ଆଜି ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଗୋଟିଏ ଦିନ ଛୁଟି ନେଇ ଧାରଣା ଦେବାକୁ ଆସିଥିଲେ ପରନ୍ତୁ ଆସନ୍ତା କାଲି ଠାରୁ ସମୂହ ଛୁଟି ନେବେ ବୋଲି ଧାରଣା ସ୍ଥଳରେ ଶିକ୍ଷକଶିକ୍ଷୟିତ୍ରୀମାନେ କହିଥିଲେ।ଏଥିରେ ଉପସଭାପତି ଗଣେଶ୍ୱର ପ୍ରଧାନ,ବିଜୟିନୀ ନନ୍ଦ, ସମ୍ପାଦକ ସମର କେତନ ନାୟକ,ସଂଯୋଜକ ମାନସ ରଞ୍ଜନ ତରେଇ,କୋଷାଧକ୍ଷ ବିଜ୍ଞାନ ରଞ୍ଜନ ସାମଲ,ଓ ସହ ସମ୍ପାଦକ ପ୍ରବୀଣ କୁମାର ପରିଡାଙ୍କ ସହ ଶତାଧିକ ଶିକ୍ଷକ ଓ ଶିକ୍ଷୟତ୍ରୀ ଧାରଣାରେ ବସିଥିଲେ। ଶିକ୍ଷାଧିକାରିଣୀଙ୍କ ଅନୁପସ୍ଥିତିରେ ଅପରାହ୍ନରେ କାର୍ଯ୍ୟାଳୟର ବଡ଼ବାବୁ ଦାବୀ ପତ୍ର ଗ୍ରହଣ କରିଥିଲେ।

# ଟ୍ରାନ୍ସଜେଣ୍ଡରଙ୍କ ଥଇଥାନ ପାଇଁ ୨ଟି ସଂଘ ସହାୟକ ଗୋଷ୍ଠୀକୁ ୧ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ



ପୁରୀ,(ପି.ଏନ):ପୁରୀ ଜିଲ୍ଲାରେ ଥିବା ଟ୍ରାନ୍ସଜେଣ୍ଡରମାନଙ୍କୁ ଥଇଥାନ କରି ତାଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଏହି କ୍ରମରେ ସୋମବାର ସର୍ବୋଦୟ ନଗର ମ୍ୟୁନିସପାଲଟି କୋଠାରେ ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ଏକ ତାଲିମ କେନ୍ଦ୍ର ଉଦଘାଟିତ ହୋଇଛି। ଏହି ତାଲିମ କେନ୍ଦ୍ରକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରଦୀପ୍ତ କୁମାର ସାହୁ ଟ୍ରାନ୍ସଜେଣ୍ଡରମାନେ ଯେପରି ସାମାଜିକ ଅବହେଳାର ଶିକାର ନ ହେବେ ଏବଂ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ। ସେ ଦିଗରେ ଏହି ଟ୍ରେନିଂ ସେଂଟର ଉପଯୋଗୀ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ଏହି କାର୍ଯ୍ୟକ୍ରମ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ବିଭାଗ ସ୍ୱୀକୃତି ଯୋଜନା ମାଧ୍ୟମରେ ଆର୍ଥିକ ଅନୁଦାନ ପ୍ରାପ୍ତ ଅଟେ ଏବଂ ଏହି ପ୍ରକଳ୍ପ ମାଧ୍ୟମରେ ପୁରୀ ଜିଲ୍ଲାର ଟ୍ରାନ୍ସଜେଣ୍ଡରମାନଙ୍କୁ ବିଭିନ୍ନ ପ୍ରକାର ଧନ୍ଦାମୂଳକ ପ୍ରଶିକ୍ଷଣ ଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରୟାସ ଆରମ୍ଭ କରାଯିବ ବୋଲି କହିଥିଲେ। ସେଇଭଳି ଅନ୍ୟତମ ଅତିଥି ତଥା କାର୍ଯ୍ୟକ୍ରମର ପରାମର୍ଶଦାତା ସିଦ୍ଧାର୍ଥ ରାୟ ପୁରୀରେ ଓଡିଶାର ପ୍ରଥମ ଟ୍ରାନ୍ସଜେଣ୍ଡର ଆଶ୍ରୟ ଗୃହ ଖୋଲାଯିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରୟାସ ଆରମ୍ଭ କରାଯାଇଛି। ଯାହା ଫଳରେ ପୁରୀକୁ ଚାଲି ଆସୁଥିବା ଟ୍ରାନ୍ସଜେଣ୍ଡରମାନଙ୍କୁ ଥଇଥାନ କରିବାରେ ସୁବିଧା ହେବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଦେବଦାସୀ ଓ ଶ୍ରୀକ୍ଷେତ୍ର ଟ୍ରାନ୍ସଜେଣ୍ଡର ସଂଘ ସହାୟକ ଗୋଷ୍ଠୀକୁ ୫୦ହଜାର ଟଙ୍କା ଲେଖାଏ ସମୁଦାୟ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

# ସେମିଳିଗୁଡ଼ାରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଧାରଣା



ସେମିଳିଗୁଡା,(ପି.ଏନ): ସେମିଳିଗୁଡା ବ୍ଲକର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ମାନେ ଦାବି ପୂରଣ ନିମନ୍ତେ ସେମିଳିଗୁଡା ବ୍ଲକ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଧାରଣା ଦେଇଛନ୍ତି। ସେମିଳିଗୁଡା ବ୍ଲକ ପ୍ରାଥମିକ ସଂଘ ର ସଭାପତି ବିଜୟ କୁମାର ଇଡିଙ୍ଗ ଏବଂ ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ଭତରା ଏବଂ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମୁଖ୍ୟତଃ ତିନୋଟି ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦୁଇ ଦିନ ହେଲା ଧାରଣା ଜାରି ରଖିଛନ୍ତି। ନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ର ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରିବା ସହିତ ଶିକ୍ଷା କର୍ମୀ ଓ ଶିକ୍ଷା ସହାୟକ ଙ୍କ କାର୍ଯ୍ୟକାଳ କୁ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କରି ମୂଳ ଚାକିରୀରେ ଗଣନା କରିବା ସହିତ ଏକ୍ସ କ୍ୟାଡ଼ର ଶିକ୍ଷକ, କଳା ଓ କ୍ରୀଡ଼ା ଶିକ୍ଷକ ମାନଙ୍କୁ ନିୟମିତ ଶିକ୍ଷକ ର ମାନ୍ୟତା ପ୍ରଦାନ, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାର ରେ ବେତନ( ମୂଳ ବେତନ ଲେବେଲ ୯ ଗ୍ରେଡ ପେ ୪୨୦୦ ଅନୁଯାୟୀ) ପ୍ରଦାନ କରିବା ଏବଂ ନୂତନ ପେନସେନ ପ୍ରଥା ଉଚ୍ଛେଦ କରି ପୁରୁଣା ପେନସେନ ବ୍ୟବସ୍ଥା ପ୍ରଚଳନ କରିବା ଦାବି ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜଣାଯାଇଛି।ଶିକ୍ଷକ ମାନଙ୍କ ନ୍ୟାର୍ଯ୍ୟ ଦାବି କୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି ଏବଂ ଶିକ୍ଷାବିତ୍ ମାନେ ସମର୍ଥନ ଜଣାଇଥିବା ଜଣାଯାଇଛି।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray